୬ ଯୁବ ଟେଷ୍ଟ : ୨-୦ରେ ଜିତିଲା ଭାରତ

সର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

e-paper www.sambadkalika.in

ସମ୍ବାଦ କଳିକା TM

The Sambad Kalika

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ-୩୩ ● ସଂଖ୍ୟା-୨୪୯ ● ୮ ଅକ୍ଟୋବର ୨୦୨୬ ଗୁରୁବାର ● ଭୁବନେଶ୍ୱର ● Vol -33 ● Issue-249 ● 8th October 2026, Thursday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27




## ଶାସନର ମୁଖ୍ୟ ଭାବେ ୨୫ ବର୍ଷ ପୂର୍ତ୍ତି

# ବିକଶିତ ଭାରତ ଜୀବନର ପ୍ରମୁଖ ଲକ୍ଷ୍ୟ

**ନୂଆଦିଲ୍ଲୀ,୭।୧୦**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିକଶିତ ଭାରତକୁ ନିଜ ଜୀବନର ପ୍ରମୁଖ ଲକ୍ଷ୍ୟ ବୋଲି ଉଲ୍ଲେଖ କରି ବୁଧବାର ଏଠାରେ କହିଛନ୍ତି ଯେ, ଯେପର୍ଯ୍ୟନ୍ତ ଭାରତ ବିକଶିତ ହୋଇ ନାହିଁ, ସେପର୍ଯ୍ୟନ୍ତ ସେ ନା ଅଟକିବେ, ନା ଥକିବେ ଏବଂ ନା ନିଜ ପଥରୁ ବିଚ୍ୟୁତ ହେବେ।

ଭାରତୀୟ ଜନତା ପାର୍ଟି ପକ୍ଷରୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସାର୍ବଜନୀନ ଜୀବନରେ ଶାସନ ପ୍ରମୁଖ ଭାବେ ୨୫ ବର୍ଷ ପୂରଣ ଅବସରରେ ଆୟୋଜିତ 'ବିକଶିତ ଭାରତ ସଂକଳ୍ପ ସଭା'କୁ ସମ୍ବୋଧିତ କରି ସେ କହିଛନ୍ତି ଯେ, ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ୧୪୦ କୋଟିରୁ ଅଧିକ ଦେଶବାସୀ ମିଳିତ ଭାବେ କରିବେ। ମୋଦୀ ୭ ଅକ୍ଟୋବର ୨୦୦୧ରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ ଏବଂ ଏହା ପରେ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ଭାବେ ସରକାରର ମୁଖ୍ୟ ରହି କ୍ରମାଗତ ୨୫ ବର୍ଷ ପୂରଣ କରିଛନ୍ତି।

ମୋଦୀ କହିଛନ୍ତି ଯେ, ସ୍ୱାଧୀନତା ହାସଲ ପାଇଁ ଦେଶବାସୀ ନିଜ ଜୀବନ ସମର୍ପିତ କରିଥିଲେ। ଏବେ ବିକଶିତ ଭାରତ ଗଠନ ପାଇଁ ଦେଶ ପାଇଁ ବଞ୍ଚିବାକୁ ହେବ। ସେ କହିଛନ୍ତି ଯେ, ଭାରତ ସମ୍ମୁଖରେ ଲକ୍ଷ୍ୟ ସ୍ପଷ୍ଟ- ବିକଶିତ ଭାରତ, ଆତ୍ମନିର୍ଭର ଭାରତ, ବିଶ୍ୱର ଶ୍ରେଷ୍ଠ ତିନିଟି ଅର୍ଥନୀତି ମଧ୍ୟରେ ସ୍ଥାନ, ଦାରିଦ୍ର୍ୟ ଦୂରୀକରଣ ଏବଂ ବିଭିନ୍ନ



କ୍ଷେତ୍ରରେ ଭାରତକୁ ବିଶ୍ୱ ନେତୃତ୍ୱର ସ୍ଥାନରେ ପହଞ୍ଚାଇବା।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଦେଶରେ ସମସ୍ୟା ନିଶ୍ଚିତ ଭାବେ ରହିଛି, କିନ୍ତୁ ଭାରତ ପାଖରେ ୧୪୦ କୋଟି ସମାଧାନ ମଧ୍ୟ ରହିଛି। ଯୁବପିଢ଼ିଙ୍କୁ ଦେଶର ବଡ଼ ଶକ୍ତି ବୋଲି ଅଭିହିତ କରି ସେ କହିଛନ୍ତି ଯେ, ସେମାନଙ୍କ ଶକ୍ତି ଓ ସାମର୍ଥ୍ୟ ବିକଶିତ ଭାରତ ଗଠନରେ ନିର୍ଣ୍ଣାୟକ ଭୂମିକା ନେବ। ସେ କହିଛନ୍ତି ଯେ, ଭାରତକୁ ଛୋଟ ଲକ୍ଷ୍ୟ ନେଇ ଆଗକୁ ବଢ଼ିବା ଉଚିତ ନୁହେଁ; ବରଂ ଅସାଧାରଣ ଓ ଅଭୂତପୂର୍ବ ଲକ୍ଷ୍ୟ ଧାର୍ଯ୍ୟ କରିବା ଆବଶ୍ୟକ।

ମୋଦୀ କହିଛନ୍ତି ଯେ, ସରକାରର ମୁଖ୍ୟ ଭାବେ ୨୫ ବର୍ଷର ନିରନ୍ତର ସେବା ଜନସାଧାରଣଙ୍କ ନିରନ୍ତର ଆଶୀର୍ବାଦର ପରିଣାମ। ସେ କହିଛନ୍ତି ଯେ, ଏହି ୨୫ ବର୍ଷର ଜନବିଶ୍ୱାସ ଓ ଅଭିଜ୍ଞତା ଏକ ବଡ଼ ପୁଞ୍ଜି, କିନ୍ତୁ ଏହି ପୁଞ୍ଜି କେବଳ ମୋଦୀଙ୍କର ନୁହେଁ, ଏହା ଦେଶର ପୁଞ୍ଜି।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ତାଙ୍କ ୨୫ ବର୍ଷର ମୂଲ୍ୟାୟନ ଏହି ଆଧାରରେ ହେବା ଉଚିତ ନୁହେଁ ଯେ ସେ ନିଜେ କେଉଁଠି ପହଞ୍ଚିଛନ୍ତି; ବରଂ ଏହା ଆଧାରରେ ହେବା ଉଚିତ ଯେ ଦେଶ କେଉଁଠି ପହଞ୍ଚିଛି। ସେ କହିଛନ୍ତି ଯେ, ଗୁଜରାଟରେ ତାଙ୍କର ମନ୍ତ୍ର ଥିଲା- ଗୁଜରାଟର ବିକାଶ ମାଧ୍ୟମରେ ଦେଶର ବିକାଶ। ପ୍ରଧାନମନ୍ତ୍ରୀ ଭାବେ ମଧ୍ୟ ସେ ଏହି ଚିନ୍ତାଧାରା ସହିତ କାମ କରିଛନ୍ତି।

ମୋଦୀ କହିଛନ୍ତି ଯେ, (ପୃଷ୍ଠା ୭ରେ)

## ରାଷ୍ଟ୍ରପତିଙ୍କ ଅଭିନନ୍ଦନ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ରାଜ୍ୟ ତଥା ଜାତୀୟ ସ୍ତରରେ ସରକାରର ମୁଖ୍ୟ ଭାବେ ୨୫ ବର୍ଷ ପୂରଣ କରିଥିବାରୁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଥିଲେ ଯେ ଏହି ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଜନସାଧାରଣଙ୍କ କଲ୍ୟାଣ ପ୍ରତି ସେମାନଙ୍କର ଦୃଢ଼ ସମର୍ପଣ ଏବଂ ଭାରତର ପ୍ରଗତିକୁ ଆଗକୁ ବଢ଼ାଇବା ଲାଗି ସେମାନଙ୍କ ସଂକଳ୍ପକୁ ପ୍ରତିଫଳିତ କରୁଛି।

ଏକ୍ସରେ ଏକ ପୋଷ୍ଟରେ ମୁର୍ମୁ କହିଛନ୍ତି ଯେ ଗତ କିଛି ବର୍ଷ ମଧ୍ୟରେ ଦେଶରେ ଯେଉଁ ପରିବର୍ତ୍ତନ ଆସିଛି ତାହା ଲୋକଙ୍କ ଜୀବନରେ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଛି। ଆବାସ, ସ୍ୱାସ୍ଥ୍ୟସେବା, ଆର୍ଥିକ ସେବା, ସ୍ୱଚ୍ଛ ଶକ୍ତି ଏବଂ ଭିତ୍ତିଭୂମିର ଉପଲବ୍ଧତା ବୃଦ୍ଧି କରିବା ସହିତ ସଂଯୋଗ, ଡିଜିଟାଲ ଭିତ୍ତିଭୂମି ଏବଂ ସୁଯୋଗକୁ ସୁଦୃଢ଼ କରିବା ଭଳି ପଦକ୍ଷେପ ସାରା ଦେଶରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନକୁ ପ୍ରଭାବିତ କରିଛି।

## ବିକଶିତ ଭାରତ ନିର୍ମାଣ ପାଇଁ ସଂକଳ୍ପ ନେଲେ ମୁଖ୍ୟମନ୍ତ୍ରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନସେବାର ୨୫ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ (ପୃଷ୍ଠା ୭ରେ)

# ଆଜି ଓଡ଼ିଶା ବନ୍ଦ : ସ୍ଥିତି ଉପରେ ନଜର ରଖିବାକୁ ଡିଜିପିଙ୍କ ନିର୍ଦ୍ଦେଶ

## ରାଜଧାନୀରେ ୧୮ ପ୍ଲାଟୁନ୍ ଫୋର୍ସ ମୁତୟନ

**ଭୁବନେଶ୍ୱର,୭।୧୦**
**ନ୍ୟୁଜ୍‌ବ୍ୟୁରୋ**

ସିଇସି ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି, କେନ୍ଦ୍ର ସରକାରଙ୍କ ଏମଏମଡିଆର ଆଇନ୍ ପ୍ରତ୍ୟାହାର ଏବଂ ରାଜ୍ୟରେ ବହି ତ୍ରୁଟି ପ୍ରତିବାଦରେ ଗୁରୁବାର କଂଗ୍ରେସ ସମେତ ୯ଟି ରାଜନୈତିକ ଦଳ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି।

ବନ୍ଦ ନେଇ କଂଗ୍ରେସ ପକ୍ଷରୁ କୁହାଯାଇଛି, ଏ ବନ୍ଦ ଶାନ୍ତିପୂର୍ଣ୍ଣ ରହିବ। ମେଡିକାଲ, ଔଷଧ ଦୋକାନ ଓ ଆମ୍ବୁଲାନ୍ସ ଭଳି ଅତ୍ୟାବଶ୍ୟକ ସେବା, ବନ୍ଦରୁ ବାଦ୍ ପଡ଼ିବେ। କିନ୍ତୁ ବସ୍, ଟ୍ରେନ୍ ଭଳି ଯାତାୟାତ ସେବାକୁ ରୋକାଯିବା ସହ ସରକାରୀ ଅଫିସ ଓ ଶିକ୍ଷାନୁଷ୍ଠାନ ଆଗରେ ପିକେଟିଂ କରାଯିବ। ବନ୍ଦକୁ ସଫଳ କରିବା ପାଇଁ ବସ୍, ଅଟୋ, ଟ୍ରକ୍ ଓ ଅନ୍ୟାନ୍ୟ ସାଧାରଣ/ବାଣିଜ୍ୟିକ




ଯାତାୟାତ ବନ୍ଦ ରଖିବା ପାଇଁ କଂଗ୍ରେସ ଅନୁରୋଧ କରିଛି। କଂଗ୍ରେସ କହିଛି କୌଣସି ହସ୍ପିଟାଲ୍ କିମ୍ବା ଚିକିତ୍ସାସେବାକୁ ବନ୍ଦ କରାଯିବ ନାହିଁ। ଛାତ୍ର-ଛାତ୍ରୀ ମାନଙ୍କର ସମସ୍ତ ପ୍ରକାରର ପରୀକ୍ଷା ପାଇଁ କୌଣସି ବାଧା ରହିବ ନାହିଁ। ୧୦୨ ଓ ସମସ୍ତ ପ୍ରକାରର ଆମ୍ବୁଲାନ୍ସକୁ କୌଣସି ପରିସ୍ଥିତିରେ ଅଟକାଯିବ ନାହିଁ। ରୋଗୀଙ୍କୁ ହସ୍ପିଟାଲ୍ ନେଉଥିବା ଯେକୌଣସି ଗାଡ଼ିକୁ ତୁରନ୍ତ ରାସ୍ତା ଦିଆଯିବ। ଅଗ୍ନିଶମ ବାହିନୀ, ଉଦ୍ଧାରକାରୀ ଦଳ ଓ ଜରୁରୀ ସେବାର ଯାନବାହନକୁ ସମ୍ପୂର୍ଣ୍ଣ ମୁକ୍ତ ରାସ୍ତା ଦିଆଯିବ। ଔଷଧ (ପୃଷ୍ଠା ୭ରେ)




## ଆଡ୍‌ଭାନୀଙ୍କୁ ଭେଟି ଆଶୀର୍ବାଦ ନେଲେ ମୋଦୀ

**ନୂଆଦିଲ୍ଲୀ,୭।୧୦**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ଏଲ୍.କେ. ଆଡଭାନୀଙ୍କୁ ତାଙ୍କ ବାସ-ଭବନରେ ଭେଟି ତାଙ୍କ ଆଶୀର୍ବାଦ ନେଇଛନ୍ତି।

ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏହି ବୈଠକର ଏକ ଫଟୋ ସେୟାର କରି ମୋଦୀ କହିଛନ୍ତି ଯେ ସେ ଆଡଭାନୀଙ୍କୁ ତାଙ୍କ ବାସଭବନରେ ଭେଟିଛନ୍ତି ଏବଂ ତାଙ୍କ ଆଶୀର୍ବାଦ ଲୋଡ଼ିଛନ୍ତି। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଦଶନ୍ଧି ଦଶନ୍ଧି ଧରି ଆଡଭାନୀଙ୍କ ସାର୍ବଜନୀନ ଜୀବନ ଏବଂ ଦେଶ ପ୍ରତି ତାଙ୍କର ଅବଦାନ ଦେଶ ଜୀବନରେ ଏକ ସ୍ଥାୟୀ ଛାପ ଛାଡ଼ି ଯାଇଛି। ଭାରତର ପ୍ରଗତିକୁ ସୁଦୃଢ଼ କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି ବୋଲି ମୋଦୀ କହିଛନ୍ତି।

୯୮ ବର୍ଷୀୟ ଏହି ବ୍ୟକ୍ତି ବିଜେପିର ପ୍ରତିଷ୍ଠାତା ସଦସ୍ୟ ଏବଂ (ପୃଷ୍ଠା ୭ରେ)

## ସୁନା ଦର

| | |
|---|---|
| ୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୪,୯୫୭ (-୬୫) |
| ୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୩,୭୧୦ (-୬୦) |
| ୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୧,୨୧୮ (-୪୯) |

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୩୫ (+୦)

## ଏକାଳ ପଖାଳ



ରେଟ ରାଟ୍ ଯେମିତି ହେଲାଣି
ଖାଇବା ପବନ ଖାଲି
ବାଲି ଖାଇବାକୁ ନଇ ପାଖେ ଗଲେ
ମାଫିଆ ମାରିବେ ଗୋଲି
ଘରେ ଜଳୁନାହିଁ ଚୁଲି
ନେତା ଗୁଡ଼ାଙ୍କ ମୁହଁ ଦେଖିଦେଲେ
କଳିଜା ଯାଉଛି ଫୁଲି।

# ଆଇଏଏସ୍ ସ୍ତରରେ ଅଦଳବଦଳ

**ଭୁବନେଶ୍ୱର,୭।୧୦**
**ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟ ସରକାର ବୁଧବାର ଆଇଏଏସ୍ ଅଫିସର ସ୍ତରରେ ଏକ ଛୋଟ ଧରଣର ଅଦଳବଦଳ କରିଛନ୍ତି।

ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ୨୦୧୪ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ନବରଙ୍ଗପୁରର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଡ. ମହେଶ୍ୱର ସ୍ୱାଇଁଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଭାବେ ନିଯୁକ୍ତି ଦିଆଯାଇଛି।

ସେହିପରି ନୂଆପଡ଼ାର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଭାବେ କାର୍ଯ୍ୟରତ ମଧୁସୂଦନ ଦାଶ, ଆଇଏଏସ୍ (ଏସ୍‌ସିଏସ୍-୨୦୧୪)ଙ୍କୁ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ଦିଆଯାଇଛି।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଉପ ସଚିବ ଭାବେ କାର୍ଯ୍ୟରତ ଅନ୍ୟା ଦାସ, ଆଇଏଏସ୍ (ଆରଆର-୨୦୧୯)ଙ୍କୁ ନବରଙ୍ଗପୁରର ନୂତନ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଭାବେ ନିଯୁକ୍ତ କରାଯାଇଛି।

ନୂଆପଡ଼ା ପାଇଁ ମଧୁମିତା, ଆଇଏଏସ୍ (ଆରଆର-୨୦୨୦)ଙ୍କୁ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଭାବେ ନିଯୁକ୍ତ କରାଯାଇଛି। ସେ ମାତୃତ୍ୱ ଛୁଟି ନେବା ପରେ ସାଧାରଣ ପ୍ରଶାସନ ବିଭାଗରେ ଯୋଗ (ପୃଷ୍ଠା ୭ରେ)

# ଜିଡିପି ଅଭିବୃଦ୍ଧି ହାରର ଅନୁମାନକୁ ବଢ଼ାଇ ୭.୧% କଲା ଆର୍‌ବିଆଇ

**ନୂଆଦିଲ୍ଲୀ,୭।୧୦**

ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ବୁଧବାର ଫିଚ୍, ମୁଡିଜ୍, ଏସ୍‌ଆଣ୍ଡପି ଏବଂ ବିଶ୍ୱ ବ୍ୟାଙ୍କ ପରେ ଏବେ ଚଳିତ ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ହାରର ଅନୁମାନକୁ ୦.୪୦ ପ୍ରତିଶତ ବଢ଼ାଇ ୭.୧ ପ୍ରତିଶତ କରିଛି।

ଆର୍‌ବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ଅକ୍ଟୋବର ମାସର ଦ୍ୱିମାସିକ ମୁଦ୍ରାନୀତି କମିଟିର ମୁଦ୍ରାନୀତି ସମୀକ୍ଷା ବୈଠକର ନିଷ୍ପତ୍ତି ଘୋଷଣା କରି କହିଛନ୍ତି ଯେ, ବିଶ୍ୱସ୍ତରୀୟ ଆହ୍ୱାନ ସତ୍ତ୍ୱେ ଦେଶର ଘରୋଇ ଆର୍ଥିକ କାର୍ଯ୍ୟକଳାପରେ ଦୃଢ଼ତା ବଜାୟ ରହିଛି। ଆର୍ଥିକ ବର୍ଷ ୨୦୨୬-୨୭ର ପ୍ରଥମ ତ୍ରୈମାସିକରେ ୨୦୨୨-୨୩କୁ ଆଧାର ବର୍ଷ ଭାବେ ନେଇ ରେକର୍ଡ ହୋଇଥିବା ୭.୮ ପ୍ରତିଶତ ଆର୍ଥିକ ଅଭିବୃଦ୍ଧି ହାର ଏହାର ପ୍ରମାଣ।

ଶ୍ରୀ ମାଲହୋତ୍ରା କହିଛନ୍ତି ଯେ, ରିଜର୍ଭ ବ୍ୟାଙ୍କ ଚଳିତ ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ଭାରତର ଜିଡିପି ଅଭିବୃଦ୍ଧି ହାରର ଅନୁମାନକୁ ବଢ଼ାଇ ୭.୧ ପ୍ରତିଶତ କରିଛି। ପୂର୍ବରୁ ଏହି ଅନୁମାନ ୬.୭ ପ୍ରତିଶତ ଥିଲା, ଯାହାକୁ ଏବେ ୭.୧ ପ୍ରତିଶତକୁ ବଢ଼ାଯାଇଛି। ତେବେ ବିଶ୍ୱସ୍ତରରେ ଜାରି ରହିଥିବା ଭୂ- (ପୃଷ୍ଠା ୭ରେ)




ସୌଜନ୍ୟ : ସୋସିଆଲ ମିଡିଆ




32 YEARS

ସମ୍ବାଦ କଳିକା

ଭୁବନେଶ୍ୱର ୦୮ ଅକ୍ଟୋବର ୨୦୨୬ ଗୁରୁବାର





# ପ୍ଲାଷ୍ଟିକ୍ କପ୍‌ରେ ଚା'ନ ପିଇବାକୁ ସଚେତନତା

**କେନ୍ଦ୍ରାପଡା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାରେ ଛତୁ ଫୁଟିଲା ଭଳିଆ ପ୍ରତ୍ୟେକ ୫୦ ଫୁଟ ଦୂରରେ ଗୋଟିଏ ଦୁଇଟା ଚା ଦୋକାନ ଖୋଲାଯାଇଛି। ଏହି ଚା ଦୋକାନୀମାନେ ପ୍ଲାଷ୍ଟିକ୍ କପ୍ ଓ କେମିକାଲ୍ ଲାଗିଥିବା କାଗଜ କପ୍‌ରେ ଚା ଦେଉଥିବାରୁ ଏହା କ୍ୟାନ୍ସର ଭଳି ମାରାତ୍ମକ ରୋଗ ହେବାର ଆଶଙ୍କା ରହିଛି। ଏହି ଦୋକାନୀମାନଙ୍କ ପ୍ରତି କେନ୍ଦ୍ରାପଡା ପୌରସଂସ୍ଥା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଚା ଦୋକାନୀ ମନ ମୁତାବିକ ପ୍ଲାଷ୍ଟିକ୍ ଓ କାଗଜ କପ୍ ବ୍ୟବହାର କରୁଛନ୍ତି। ଏ ନେଇ ଜିଲ୍ଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଭିନ୍ନ ଭିନ୍ନ ପର୍ଯ୍ୟଟନ ସ୍ଥଳୀମାନଙ୍କରେ ସଚେତନତା



କାର୍ଯ୍ୟକ୍ରମ କରୁଛି। ଚା ପିଇବାକୁ ଆସୁଥିବା ଲୋକମାନଙ୍କୁ କାଚ ଗ୍ଲାସ୍‌ରେ ପିଇବା ପାଇଁ ଅନୁରୋଧ କରୁଛନ୍ତି। ପ୍ଲାଷ୍ଟିକ୍ ଗ୍ଲାସ୍‌ରେ ଚା ପିଇଲେ କ୍ୟାନ୍ସର ଭଳି ମାରାତ୍ମକ ରୋଗ ହେବାର ବହୁ ଅଧିକ ସମ୍ଭାବନା ରହିଛି। ତେଣୁ କାଚ ଗ୍ଲାସ୍‌ରେ ପିଇବା ପାଇଁ ଏମାନେ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭାପତି ଦମନ ମହାନ୍ତି, ଚୈତନ୍ୟ ନାୟକ, ଡାକ୍ତର ନିରାକାର ତ୍ରିପାଠୀ, ଜ୍ୟୋତିଶ ଗୌରାଙ୍ଗ ନାୟକ, ସଞ୍ଜିବ୍ ବାଗ୍, ଅଭୟ ବେହେରା, ତପନ କୁମାର ନାଥ, ନିଗମ ରାଜ୍, ସୌମେନ୍ଦ୍ର ମହାନ୍ତି, ଦେବାଶିଷ ମହାନ୍ତି ଓ ଆଶୀଷ ମହାନ୍ତି ପ୍ରମୁଖ ପ୍ଲାଷ୍ଟିକ୍ ଗ୍ଲାସରେ ଚା ନ ପିଇବାକୁ ଲୋକମାନଙ୍କୁ ସଚେତନ କରୁଛନ୍ତି।

# ୬୦% ଷ୍ଟ୍ରିଟ୍ ଲାଇଟ୍ ଅଚଳ: ବଢୁଛି ଦୁର୍ଘଟଣା, ଚୋରି, ରାହାଜାନି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କେଉଁ ଉପାନ୍ତ ଅଞ୍ଚଳ ନୁହେଁ, ରାଜ୍ୟର ରାଜଧାନୀ। ସବୁ ବିଭାଗର ମୁଖ୍ୟ ଦପ୍ତର ଏଇଠି। ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି କ୍ୟାବିନେଟ୍ ମନ୍ତ୍ରୀ, ବିଧାୟକମାନେ ବି ଏଠାରେ ରହୁଛନ୍ତି, ରାଜ୍ୟର ସୁଖଦୁଃଖ ବୁଝୁଛନ୍ତି। କିନ୍ତୁ ଦୁର୍ଭାଗ୍ୟ, ସାମାନ୍ୟ ଷ୍ଟ୍ରିଟ୍ ଲାଇଟ୍ ସମସ୍ୟାରୁ ମୁକୁଳି ପାରିନି ଭୁବନେଶ୍ୱର। ବର୍ଷେ ହେଲାଣି ସାହି ଗଳିକନ୍ଦିର ଷ୍ଟ୍ରିଟ୍‌ଲାଇଟ୍ ସବୁ ଅଚଳ ଅବସ୍ଥାରେ ପଡ଼ିଛି। ଏଥିପାଇଁ ମାଳ ମାଳ ଅଭିଯୋଗ ବି ଆସୁଛି, କିନ୍ତୁ ଫଳ ଶୂନ। ଦୁର୍ଗାପୂଜାରେ ମା'ଙ୍କୁ ଦର୍ଶନ ସହ ପାର୍ବଣ ଉପଭୋଗ କରିବାକୁ ଆସୁଥିବା ଶ୍ରଦ୍ଧାଳୁ ଅନ୍ଧାର ରାତିରେ ଦୁର୍ଘଟଣାର ଶିକାର ହେବା ଆଶଙ୍କା ସୃଷ୍ଟି ହୋଇଛି।

ନିର୍ଦ୍ଦିଷ୍ଟ କମ୍ପାନିକୁ ଦରଦ ଓ ନିମ୍ନମାନର ଏଲ୍‌ଇଡି ଷ୍ଟ୍ରିଟ୍ ଲାଇଟ୍ ଲଗାଯିବା, ଏଭଳି ସ୍ଥିତି ସୃଷ୍ଟି କରିଛି। ଯେଉଁ କମ୍ପାନିମାନେ ଏହି ଲାଇଟ୍ ଲଗାଇଥିଲେ, ସେମାନେ ଧରାଛୁଆଁ ଦେଉନାହାନ୍ତି। ସେପଟେ ଯେଉଁ ସଂସ୍ଥାମାନେ ଷ୍ଟ୍ରିଟ୍ ଲାଇଟ୍ ସଜାଡ଼ିବା ଦାୟିତ୍ୱ ମୁଣ୍ଡାଇଥିଲେ, ସେମାନେ ବି ଟେଣ୍ଡର ଅବଧି ଶେଷ ପରେ ମନ ଦେଇ କାମ କରୁନାହାନ୍ତି। ଜଣକର ୧୦ ମାସ ତଳୁ ଓ ଅନ୍ୟ ଠିକାସଂସ୍ଥାର ୫ ମାସ ତଳୁ ଟେଣ୍ଡର ସରିଲାଣି। ଅପରପକ୍ଷେ ଯେଉଁଠି ୬୦ ୱାଟ୍ ଷ୍ଟ୍ରିଟ୍ ଲାଇଟ୍ ଲାଗିବା କଥା ଯାଞ୍ଚ ପରେ ସେଠାରେ ୪୦ ୱାଟ୍ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଥିବା ଅଭିଯୋଗ ହୋଇଛି। ବିଏମ୍‌ସି କମିସନର ହୁଅନ୍ତୁ କି ବିଦ୍ୟୁତ୍ ଉପବିଭାଗ, ସଂପୃକ୍ତ ସଂସ୍ଥାଙ୍କ ବିରୋଧରେ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେଉ ନଥିବାରୁ ସ୍ଥିତି ଜଟିଳ ହେବାରେ ଲାଗିଛି।

ନୂଆ ଏଲ୍‌ଇଡି ଷ୍ଟ୍ରିଟ୍ ଲଗାଇବା ସହ ମରାମତି ଓ ଅନ୍ୟାନ୍ୟ କାମ କରିବାକୁ ୬ଟି ପ୍ୟାକେଜ୍‌ରେ ୨୦୨୪ ସେପ୍ଟେମ୍ବର ୨୬ରୁ ନୂଆ ଟେଣ୍ଡର ନିଭ୍ ଓ ଇ-ସ୍ମାର୍ଟ ନାମକ ଦୁଇଟି ଠିକାସଂସ୍ଥାକୁ ଦିଆଯାଇଥିଲା। ବିଏମ୍‌ସିର ୬୭ଟି ୱାର୍ଡରେ ଏଲ୍‌ଇଡି ଷ୍ଟ୍ରିଟ୍ ଲାଇଟ୍ ଲଗାଇବାରେ ସେ ସମୟରେ ୭.୩୭ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା। ୧ରୁ ୯ ନମ୍ବର ୱାର୍ଡ ପାଇଁ ୧.୧୬ କୋଟି, ୧୦ରୁ ୧୪ ନମ୍ବର ୱାର୍ଡ ଓ ୧୬ରୁ ୨୧ ନମ୍ବର ୱାର୍ଡ ପାଇଁ ୧.୧୭ କୋଟି, ୧୫ ନମ୍ବର ୱାର୍ଡ ଓ ୨୨ରୁ ୩୧ ନମ୍ବର ୱାର୍ଡ ପାଇଁ ୧.୨୩ କୋଟି, ୩୨ରୁ ୪୩ ନମ୍ବର ୱାର୍ଡ ପାଇଁ ୧.୨୬କୋଟି, ୪୪ରୁ ୫୫ ନମ୍ବର ୱାର୍ଡ ପାଇଁ ୧.୧୦ କୋଟି ଟଙ୍କା ଏବଂ ୫୬ରୁ ୬୭ ନମ୍ବର ୱାର୍ଡ ପାଇଁ ୧.୪୫ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା। ଏହା ଏବେ ଅଚଳ ଅବସ୍ଥାରେ। ଏଣୁ ମରାମତି ଖର୍ଚ୍ଚରେ ବି ନିୟନ୍ତ୍ରଣ ନାହିଁ। ଗତମାସରେ ବିଏମ୍‌ସି ଷ୍ଟ୍ରିଟ୍ ଲାଇଟ୍ ମରାମତି, ବିଜୁଳି ବ୍ୟବହାର ଦେୟ ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦରେ ପ୍ରାୟ ୧.୪୫କୋଟି ଟଙ୍କା ଖର୍ଚ୍ଚ କରିଛି। ତଥାପି ଷ୍ଟ୍ରିଟ୍ ଲାଇଟ୍ ସମସ୍ୟାରେ ସୁଧାର ଆସିପାରିନି। ବାରମ୍ବାର ଷ୍ଟ୍ରିଟ୍ ଲାଇଟ୍ ଅଚଳ ହେବା ଓ ରାଜଧାନୀର ଅଧିକାଂଶ ଅଞ୍ଚଳ ଅନ୍ଧାର ଭିତରେ ରହିବା, ଅସନ୍ତୋଷର କାରଣ ପାଲଟିଛି। ଗତ ଗଣେଶ ପୂଜା ବୈଠକରେ ବି ଷ୍ଟ୍ରିଟ୍ ଲାଇଟ୍ ଅଚଳ ନେଇ ହଙ୍ଗାମା ହୋଇଥିଲା। କର୍ପୋରେସନ୍ ବୈଠକରେ ବି କର୍ପୋରେଟରମାନେ ଚେୟାର, ପାଣି ବୋତଲ ଫିଙ୍ଗିଥିଲେ। ବିଏମ୍‌ସି ବିଦ୍ୟୁତ୍ ଉପବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. ବର୍ଷା ପ୍ରଧାନ କହିଛନ୍ତି, ପୂଜା ପୂର୍ବରୁ ସମସ୍ତ ଏଲ୍‌ଇଡି ଲାଇଟ୍ ସଜାଡ଼ିବାକୁ କାମ ଜୋରସୋରରେ ଚାଲିଛି। ବିଜୁଳି ସଂଚୟ ପାଇଁ ଷ୍ଟ୍ରିଟ୍ ଲାଇଟ୍ ସବୁ ଏଲ୍‌ଇଡି କରାଯାଇଛି। ଯେଉଁ ଠିକାସଂସ୍ଥାମାନେ ଏହାର ମରାମତି ଓ ପରିଚାଳନା ଦାୟିତ୍ୱ ନେଇଥିଲେ, ସେମାନଙ୍କ ଟେଣ୍ଡର ସରିଯାଇଛି। ନୂଆ ଟେଣ୍ଡର କରିଛୁ। ଏବେ ଷ୍ଟ୍ରିଟ୍ ଲାଇଟ୍ ପରିଚାଳନା ସହଜ କରିବାକୁ ଗୋଟିଏ ସଂସ୍ଥାକୁ ଟେଣ୍ଡର ଦେବାକୁ ନିଷ୍ପତ୍ତି ହୋଇଛି। ଖୁବ୍‌ଶୀଘ୍ର ଏହି ଟେଣ୍ଡର ପ୍ରକ୍ରିୟା ଶେଷ ହେବବୋଲି ସେ କହିଛନ୍ତି।

# ରାସ୍ତାରୁ ବିଦ୍ୟୁତଖୁଣ୍ଟ ହଟାଇବାକୁ ଦାବି

**କେନ୍ଦ୍ରାପଡା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ସହରର ପ୍ରବେଶ ପଥ ତିନିମୁହାଣୀ ଛକ ଉପରେ ଗୋଟିଏ ସାଇଡ୍‌ରେ ଦୀର୍ଘବର୍ଷ ହେଲା ଇଲେକ୍ଟ୍ରି ଖୁଣ୍ଟ ଲାଗିଥିବାରୁ ଏହା ରାସ୍ତାକୁ ସମ୍ପୂର୍ଣ୍ଣ ଭାବେ ବଙ୍କା କରିଦେଇଛି। ଫଳରେ ରାସ୍ତାର ଗୋଟିଏ ପଟ ୭୦ ପ୍ରତିଶତ ଥିବାବେଳେ ଆରପଟ ୩୦ ପ୍ରତିଶତ ରହୁଛି। ଏହାଦ୍ୱାରା ବଡବଡ ଗାଡି ବୁଲେଇବାର ଅସୁବିଧା ହେବା ସହ ଯାତ୍ରୀମାନଙ୍କ ଯାତାୟତରେ ବହୁ ଅସୁବିଧା ହେଉଛି। ଏହି ଖୁଣ୍ଟକୁ ସେଠାରୁ ଉଠାଇ ରାସ୍ତା ମଝିରେ ରଖି ରାସ୍ତାକୁ ପ୍ରଶସ୍ତୀକରଣ କରିବା ସହିତ ଜନସାଧାରଣ ଯାତାୟତ କରିବା ସହିତ ଦୁର୍ଘଟଣାରୁ ମୁକ୍ତି ପାଇବେ।



# ସେବା ସଂକଳ୍ପ ଅଭିଯାନ : ରକ୍ତଦାନ ସହ ବୃକ୍ଷରୋପଣ

**ବରଗଡ, ନ୍ୟୁଜ୍ ବ୍ୟୁରୋ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିବସ ଅବସରରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଚାଲିଥିବା ମାସବ୍ୟାପୀ 'ସେବା ସଂକଳ୍ପ ଅଭିଯାନ' ଅଧୀନରେ ବରଗଡ ଜିଲ୍ଲା ବିଜେପୁର ବ୍ଲକ ଜାରିଂ ହାଇସ୍କୁଲ ପରିସରରେ ରକ୍ତଦାନ ଶିବିର ସହ ବୃକ୍ଷରୋପଣ କାର୍ଯ୍ୟକ୍ରମ ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଯାଇଛି। ଜାରିଂ ମଣ୍ଡଳ ଓ ବିଜେପୁର ନଗର ମଣ୍ଡଳର ମିଳିତ ଆୟୋଜନରେ ଅନୁଷ୍ଠିତ ଏହି ସେବାମୂଳକ କାର୍ଯ୍ୟକ୍ରମରେ ଦଳୀୟ କର୍ମକର୍ତ୍ତା, କର୍ମୀ ଓ ସ୍ଥାନୀୟ ଯୁବକମାନେ ସକ୍ରିୟ ଭାବେ ସାମିଲ ହୋଇଥିଲେ। ଶିବିରରେ ମୋଟ ୫୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ବରଗଡ଼ ରକ୍ତ ଭଣ୍ଡାରର କର୍ମଚାରୀମାନେ ଶିବିରରେ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ରକ୍ତଦାନ



ଦ୍ୱାରା ଆବଶ୍ୟକ ସମୟରେ ଅନେକ ଜୀବନ ରକ୍ଷା କରାଯାଇପାରିବ ବୋଲି ଆୟୋଜକମାନେ କହିଥିଲେ। କାର୍ଯ୍ୟକ୍ରମରେ ବିଜେପୁର ବିଧାୟକ ସନତ କୁମାର ଗଡ଼ତୀୟା ଯୋଗଦେଇ ବିଦ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ। ଏଥିସହ ସେ ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କର ସେବା ମନୋଭାବକୁ ପ୍ରଶଂସା କରିଥିଲେ। ରକ୍ତଦାନ ମାଧ୍ୟମରେ ମଣିଷର ଜୀବନ ରକ୍ଷା ଏବଂ ବୃକ୍ଷରୋପଣ ମାଧ୍ୟମରେ ପରିବେଶ ସୁରକ୍ଷା ଉଭୟ କାର୍ଯ୍ୟ ସମାଜ ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଫଳ, ଔଷଧୀୟ ଓ ଛାୟା ପ୍ରଦାନକାରୀ ଚାରା ରୋପଣ କରାଯାଇଥିଲା। ପରିବେଶର ସନ୍ତୁଳନ ରକ୍ଷା, ସବୁଜିମା ବୃଦ୍ଧି ଏବଂ ଆଗାମୀ ପିଢ଼ି ପାଇଁ ସୁସ୍ଥ ପରିବେଶ ସୃଷ୍ଟି ଦିଗରେ ବୃକ୍ଷରୋପଣ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଉପସ୍ଥିତ ଅତିଥିମାନେ କହିଥିଲେ।ଏହି ଅବସରରେ ଜିଲ୍ଲା ପରିଷଦ ସଭ୍ୟ ସୁଶାନ୍ତ ଗଡ଼ତୀୟା, ମଣ୍ଡଳ ସଭାପତି ଆନନ୍ଦ ବାରିକ, ବିଜେପୁର ନଗର ମଣ୍ଡଳ ସଭାପତି ମହେଶ ଦେବତା, ସରପଞ୍ଚ ପ୍ରଭାସିନୀ ବିଭାର, ପୂର୍ବତନ ମଣ୍ଡଳ ସଭାପତି ଯୋଗୀନ୍ଦ୍ର ପଧାନଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା, କର୍ମୀ ଓ ସ୍ଥାନୀୟ ଅଞ୍ଚଳର ଲୋକେ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ 'ସେବା ସଂକଳ୍ପ ଅଭିଯାନ' ଅବସରରେ ସାମ୍ବାଦିକମାନଙ୍କୁ ବିଜେପୁର ବିଧାୟକ ସନତ କୁମାର ଗଡ଼ତୀୟା ସମ୍ମାନିତ କରିଥିଲେ। ସାମାଜିକ ସଚେତନତା ସୃଷ୍ଟି ଓ ଜନସେବା କ୍ଷେତ୍ରରେ ସାମ୍ବାଦିକମାନଙ୍କ ଭୂମିକାକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ସେବା ସଂକଳ୍ପ ଅଭିଯାନ ମାଧ୍ୟମରେ ରକ୍ତଦାନ, ବୃକ୍ଷରୋପଣ ଓ ବିଭିନ୍ନ ସମାଜସେବାମୂଳକ କାର୍ଯ୍ୟର ବାର୍ତ୍ତା ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବା ସହ ସମାଜରେ ସେବା ଓ ଦାୟିତ୍ୱବୋଧର ମନୋଭାବ ବୃଦ୍ଧି କରିବାକୁ ପ୍ରୟାସ କରାଯାଉଥିବା ଆୟୋଜକମାନେ କହିଥିଲେ ।

# ଅଙ୍ଗନବାଡ଼ି କେନ୍ଦ୍ରରେ ଅନିୟମିତତା ଅଭିଯୋଗ

## ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଶତାଧିକ ଗ୍ରାମବାସୀ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ ବ୍ରାହ୍ମଣୀପାଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବିଜାପଦର ଗ୍ରାମରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରରେ ବିଭିନ୍ନ ପ୍ରକାର ଅନିୟମିତତା ହେଉଥିବା ଅଭିଯୋଗ ଉଠିଛି। କେନ୍ଦ୍ରର କର୍ମୀ ଓ ସହାୟିକାଙ୍କ କାର୍ଯ୍ୟପ୍ରଣାଳୀକୁ ନେଇ ଅସନ୍ତୋଷ ପ୍ରକାଶ କରି ସୋମବାର ଦିନ ଗ୍ରାମର ଶତାଧିକ ପୁରୁଷ ଓ ମହିଳା ବୌଦ୍ଧ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଅଙ୍ଗନୱାଡ଼ି କେନ୍ଦ୍ର ମାଧ୍ୟମରେ ଶିଶୁ ଓ ଗର୍ଭବତୀ ମହିଳାଙ୍କ ପାଇଁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ପୁଷ୍ଟିକର ଖାଦ୍ୟ ବଣ୍ଟନରେ ଅନିୟମିତତା ହେଉଛି। ଏଥିସହ ଶିଶୁମାନଙ୍କୁ ଘରୁ କେନ୍ଦ୍ରକୁ ନେବା ଓ ପୁଣି ଘରେ ଛାଡ଼ିବା କ୍ଷେତ୍ରରେ ମଧ୍ୟ ଅବହେଳା କରାଯାଉଥିବା ସେମାନେ ଅଭିଯୋଗ କରିଛନ୍ତି।



ଅଭିଯୋଗକାରୀମାନେ ଆହୁରି କହିଛନ୍ତି ଯେ, ହିତାଧିକାରୀଙ୍କ ପାଇଁ ଆସୁଥିବା ପୁଷ୍ଟିକର ଖାଦ୍ୟ ନିୟମିତ ଭାବେ ବଣ୍ଟନ କରାଯାଉନଥିବା ସହ କିଛି ଖାଦ୍ୟ ହିତାଧିକାରୀଙ୍କୁ ନଦେଇ ନଷ୍ଟ କରାଯାଉଥିବା ନେଇ ସେମାନଙ୍କର ଅଭିଯୋଗ ରହିଛି। ଏ ସମ୍ପର୍କରେ ପୂର୍ବରୁ ସମ୍ପୃକ୍ତ ସୁପରଭାଇଜର ଓ ସିଡିପିଓଙ୍କୁ ଜଣାଇଥିଲେ ମଧ୍ୟ ଅଭିଯୋଗର ସମାଧାନ ହୋଇନଥିବା ଗ୍ରାମବାସୀ କହିଛନ୍ତି। ଫଳରେ ସମସ୍ୟାର ଉଚିତ ତଦନ୍ତ କରି ଅଭିଯୋଗର ସତ୍ୟତା ଯା□କରିବା ସହ ଦୋଷୀ ପ୍ରମାଣିତ ହେଲେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ନିୟମାନୁସାରେ ପଦକ୍ଷେପ ନେବାକୁ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଏଥିସହ ଅଙ୍ଗନୱାଡ଼ି କେନ୍ଦ୍ରରେ ଶିଶୁ ଓ ଗର୍ଭବତୀ ମହିଳାଙ୍କୁ ମିଳୁଥିବା ସରକାରୀ ସୁବିଧା ନିୟମିତ ଓ ସ୍ୱଚ୍ଛ ଭାବେ ପ୍ରଦାନ କରାଯିବାକୁ ସେମାନେ ଦାବି ଜଣାଇଛନ୍ତି। ଅଭିଯୋଗ ଉପରେ ତୁରନ୍ତ ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ନିଆନଗଲେ ଆଗାମୀ ଦିନରେ ଅଙ୍ଗନବାଡ଼ି କେନ୍ଦ୍ରରେ ତାଲା ପକାଇବାକୁ ବାଧ୍ୟ ହେବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ବିଶିଷ୍ଟ ସମାଜସେବୀଙ୍କୁ ଶ୍ରଦ୍ଧାଞ୍ଜଳି

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ମହାନଦୀ ଆଳତି ଘାଟର ଆଜୀବନ ସଦସ୍ୟ, ବୌଦ୍ଧ ସହରର ଜଣେ ଅତି ପରିଚିତ ବ୍ୟକ୍ତି ତଥା ଜଣେ ସମାଜସେବୀ ଭାବେ ଜଣାଶୁଣା ଶୁଭେନ୍ଦୁ ପଟ୍ଟନାୟକଙ୍କ ପରଲୋକରେ ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ତାଙ୍କର ହଠାତ୍ ମୃତ୍ୟୁରେ ବୌଦ୍ଧ ଜିଲ୍ଲାରେ ଶୋକର ଛାୟା ଖେଳିଯାଇଥିଲା । ସେ ଜଣେ ମିଷ୍ଟଭାଷୀ ତଥା ସମାଜସେବୀ ବିଭିନ୍ନ ଅନୁଷ୍ଠାନ ରେ କର୍ମକର୍ତ୍ତା ଭାବେ ଦାୟିତ୍ୱ ତୁଲେଇଥିବା ସହିତ ଅନ୍ୟାନ୍ୟ ଅନୁଷ୍ଠାନ ସହିତ ମଧ୍ୟ ଦୀର୍ଘଦିନ ଧରି ଯୋଡିହୋଇଥିଲେ। ମହାନଦୀ ଆଳତୀଘାଟ କମିଟିର ପୃଷ୍ଠପୋଷକ ଦେବାଶିଷ ପୁରୋହିତଙ୍କ ତତ୍ତ୍ୱାବଧାନରେ ସନ୍ଧ୍ୟାରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା । ତାଙ୍କର ଅମର ଆତ୍ମାର ସତଗତି ନିମନ୍ତେ ୨ ମିନିଟ ନିରବ ପ୍ରାର୍ଥନା ଓ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଏଲଆଇସିର କର୍ମକର୍ତ୍ତା ଓ ବନ୍ଧୁ ମାନଙ୍କ ସମେତ ବୌଦ୍ଧର ବୁଦ୍ଧିଜୀବୀ ମାନେ ଉପସ୍ଥିତ ଥିଲେ । ଭାରତୀୟ ଜୀବନ ବୀମା ଅନୁଷ୍ଠାନ ପକ୍ଷରୁ ଆଞ୍ଚଳିକ ସଭାପତି ଡ଼. ମନୋରଞ୍ଜନ ପାଣ୍ଡେ, ଜାତୀୟ କମିଟିର ଭାଇସ ଚେୟାରମେନ୍ ଶିବାଜୀ, ସଂଗଠନ ଚେୟାରମ୍ୟାନ୍ ନନ୍ଦାଜୀ ସିଂ, ଫୁଲବାଣୀ ଶାଖା ସଭାପତି ସୁଜ୍ଞାନ ପାତ୍ର, ବରିଷ୍ଠ ଅଭିକର୍ତ୍ତା ଚନ୍ଦ୍ରଶେଖର ମିଶ୍ର, ସନ୍ତୋଷ କୁମାର ସାହୁ, ପିତାମ୍ବର ମେହେର ଓ ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାକୁ ରବିନ୍ଦ୍ର ପଟ୍ଟନାୟକ ପରିଚାଳନା କରିଥିଲେ । ଶେଷରେ ମହାନଦୀ ଆଳତି କାର୍ଯ୍ୟକ୍ରମରେ ସମସ୍ତ ସଦସ୍ୟ ମାନେ ଅଂଶଗ୍ରହଣ କରିଥିଲେ ।



# ଜବରଦଖଲକାରୀ ବ୍ୟବସାୟୀଙ୍କୁ ଉଚ୍ଛେଦ ପାଇଁ ଦାବି



**କେନ୍ଦ୍ରାପଡା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପୌରାଞ୍ଚଳର ମୁଖ୍ୟ ପ୍ରବେଶପଥ ତିନିମୁହାଣୀଠାରେ ରାସ୍ତା ଉପରେ ବେଆଇନ୍ ଭାବେ ବସିଥିବା ବ୍ୟବସାୟୀଙ୍କୁ ପୂର୍ତ୍ତ ବିଭାଗ ସାଇଡ୍‌ରୁ ଉଠାଯାଇଥିଲା। ରାସ୍ତାକୁ ପ୍ରଶସ୍ତୀକରଣ କରିବା ପାଇଁ ଜବରଦଖଲକାରୀଙ୍କୁ ଉଠାଇବା ସହ ସେଠାରେ ଥିବା ପ୍ରାୟ ୨୦ ରୁ ଉର୍ଦ୍ଧ୍ୱ ପୌରସଂସ୍ଥାର କେବିନ୍‌କୁ ହଟାଯାଇ ରାସ୍ତା ପ୍ରଶସ୍ତୀକରଣ କରାଯିବ ବୋଲି ପ୍ରକାଶ କରାଯାଇଥିଲା। କିନ୍ତୁ ରାସ୍ତା ପ୍ରଶସ୍ତୀକରଣ ହେବା ପରିବର୍ତ୍ତେ ଏହି ବ୍ୟବସାୟୀମାନେ ଏପଟୁ ଉଠି ଜନସ୍ୱାସ୍ଥ୍ୟ ଉପଖଣ୍ଡ କାନ୍ଥକୁ ଲାଗି ଆରପଟେ ମୁଖ୍ୟ ରାସ୍ତା ଉପରେ ଏହି ଦଖଲକାରୀମାନେ ପୁନର୍ବାର ନିଜ କବ୍‌ଜାରେ ରଖି ପୁଣି ବ୍ୟବସାୟ ମେଲେଇଛନ୍ତି। ପୌର ପ୍ରଶାସନ ଏମାନଙ୍କୁ ନ ଉଠାଇବାରୁ ଏହି ବ୍ୟବସାୟୀମାନେ ପୁନର୍ବାର ଏପଟୁ ଉଠି ସେପଟେ ମୁଖ୍ୟ ରାସ୍ତାରେ ବସି ବ୍ୟବସାୟ କରିବା ଫଳରେ ଯାତାୟତରେ ବହୁ ଅସୁବିଧା ହେବା ସହ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏହି ଜବରଦଖଲକାରୀ ମାନଙ୍କୁ ସେଠାରୁ ଉଚ୍ଛେଦ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ଉମରକୋଟରେ ମିଳିତ ସ୍ୱଚ୍ଛତା ଅଭିଯାନ




**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**

ଉମରକୋଟସ୍ଥିତ ପେଣ୍ଡ୍ରାଣୀ ମହାବିଦ୍ୟାଳୟ ପରିସରରେ 'ସ୍ୱଚ୍ଛ ଭାରତ ଅଭିଯାନ' ତରଫରୁ ଏକ ଅଭିନବ ସ୍ୱଚ୍ଛତା କାର୍ଯ୍ୟକ୍ରମ ସଫଳତାର ସହ ପାଳିତ ହୋଇଯାଇଛି। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଛାତ୍ର ସଂଗଠନର ଆହ୍ୱାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଲେଜର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀବୃନ୍ଦ ଏବଂ ଉମରକୋଟ ଡାକ୍ତରଖାନାର କର୍ମଚାରୀମାନେ ଏକତ୍ରିତ ହୋଇ ସ୍ୱଚ୍ଛତା ଦିବସ ପାଳନ କରିଥିଲେ। ସମସ୍ତେ ମିଳିମିଶି କଲେଜ ପ୍ରାଙ୍ଗଣ ଓ ଏହାର ଆଖପାଖ ପରିବେଶକୁ ସଫାସୁତୁରା କରିବା ସହ ସମାଜକୁ ସ୍ୱଚ୍ଛତା ଓ ପରିବେଶ ସୁରକ୍ଷାର ଏକ ଶାଣିତ ବାର୍ତ୍ତା ଦେଇଥିଲେ। ମହାବିଦ୍ୟାଳୟ ପରିସରରେ ସ୍ୱଚ୍ଛ ଓ ସୁନ୍ଦର ପରିବେଶ ସୃଷ୍ଟି କରିବା ପାଇଁ ଯୁବପିଢ଼ିଙ୍କ ଏହି ସମୂହ ପ୍ରଚେଷ୍ଟାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ସାଧାରଣରେ ବେଶ୍ ପ୍ରଶଂସା କରାଯାଇଛି। କଲେଜ ପରିବାରଙ୍କ ଏହି ସାମାଜିକ ଅଙ୍ଗୀକାରବଦ୍ଧତା ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ଏବଂ ସଂଗଠନଗୁଡ଼ିକ ପାଇଁ ଏକ ମହାନ ପ୍ରେରଣାର ଉତ୍ସ ହେବ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

# ବୌଦ୍ଧରେ ନୂତନ ଜିଲ୍ଲାପାଳଙ୍କ ଦାୟିତ୍ୱ ଗ୍ରହଣ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାରେ ନୂତନ ଜିଲ୍ଲାପାଳ ଭାବେ ଦେବାଶିଷ ସିଂ ସ୍ଥାନୀୟ ଅଧିଷ୍ଠାତ୍ରୀ ଦେବୀ ମା ସୁରେଶ୍ୱରୀଙ୍କୁ ଦର୍ଶନ କରି ଜିଲ୍ଲାପାଳ କାର୍ଯ୍ୟାଳୟରେ ଭାରପ୍ରାପ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀଙ୍କ ଠାରୁ ଦାୟିତ୍ୱ ଗ୍ରହଣ କଲେ। ପରେ ପ୍ରଥମେ ସୋନପୁର ବ୍ଲକ ଜିଲ୍ଲାପାଳ ଓ ଏସପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗ ଦେଇ ଗାଁ ର ସଧାରଣ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ୫୯ ଗୋଟି ବ୍ୟକ୍ତିଗତ ଅଭିଯୋଗ ସହ ୩ ଗୋଟି ସାଧାରଣ ଅଭିଯୋଗ ଉପରେ ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ସେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ ଯେ ଜିଲ୍ଲା ର ମୌଳିକ ସମସ୍ୟା ର ସମାଧାନ ଓ ସରକାର ଙ୍କ କଲ୍ୟାଣକାରୀ ଯୋଜନା ସଫଳ ଦିଗରେ ପୁରା ଟିମକୁ ନେଇ କାମ କରିବୁ ବୋଲି କହିଥିଲେ। ବିଶେଷ କରି ଶିକ୍ଷା, ସ୍ୱାସ୍ଥ୍ୟ କୃଷି, ଜଳ ସେଚନ ଓ ପର୍ଯ୍ୟଟନର ବିକାଶ ଦିଗରେ ପ୍ରଥମେ ଗୁରୁତ୍ୱ ଦେବୁ ବୋଲି ସାମ୍ବାଦିକ ମାନଙ୍କୁ ଜିଲ୍ଲାପାଳ ଶ୍ରୀ ସିଂ କହିଥିଲେ। ଅସମ୍ପୂର୍ଣ୍ଣ ରିଙ୍ଗ ରୋଡ଼ କାର୍ଯ୍ୟକୁ ଶୀଘ୍ର ଆରମ୍ଭ କରିବାକୁ ଓ ଅସଜଡ଼ା ସ୍ୱାସ୍ଥ୍ୟ ବିଭାଗକୁ ସଜାଡ଼ିବାକୁ ଓ ପୌର ପରିଷଦ ମନ୍ଥର କାର୍ଯ୍ୟ ସବୁକୁ ତ୍ୱରାନ୍ୱିତ କରିବା ସହ ଗଚ୍ଛିତ ଅନୁଦାନର ସହ ବିନିଯୋଗ କରିବାକୁ ତୁରନ୍ତ ପଦକ୍ଷେପ ନେବି ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ସମସ୍ତଙ୍କ ସହଯୋଗ ଓ ପରାମର୍ଶ ଜରୁରୀ ବୋଲି କହିଥିଲେ।




# ଫର୍ମ-୬ରୁ ଅତିରିକ୍ତ ଘୋଷଣାନାମା ହଟାଇଲେ ନିର୍ବାଚନ ଆୟୋଗ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)-୨୦୨୬ ପ୍ରକ୍ରିୟା ସମାପ୍ତ ହୋଇଥିବାବେଳେ ବର୍ତ୍ତମାନର ଭୋଟର ତାଲିକାରେ ନାମ ନଥିବା ଯୋଗ୍ୟ ନାଗରିକମାନେ ଫର୍ମ-୬ ମାଧ୍ୟମରେ ନାମ ସାମିଲ ପାଇଁ ଆବେଦନ କରିପାରିବେ। ଏସଆଇଆର ପରେ ଫର୍ମ-୬ ଦାଖଲ ସମୟରେ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ତଥ୍ୟ କିମ୍ବା ଆବେଦନକାରୀଙ୍କ ପିତାମାତା/ଜେଜେବାପା- ଜେଜେମାଆଙ୍କ ନାମ ସମ୍ପର୍କିତ ଅତିରିକ୍ତ ଘୋଷଣାନାମା ଦେବା ଆବଶ୍ୟକ ହେବ ନାହିଁ। ଭାରତ ନିର୍ବାଚନ ଆୟୋଗ ଫର୍ମ-୬ରୁ ଏହି ଅତିରିକ୍ତ ବ୍ୟବସ୍ଥା ହଟାଇଛନ୍ତି। କେବଳ ଫର୍ମ-୬ ଦାଖଲ କରିଲେ ନାମ ସ୍ୱତଃସ୍ଫୂର୍ତ୍ତ ଭାବେ ଭୋଟର ତାଲିକାରେ ସାମିଲ ହେବ ନାହିଁ। ନିର୍ଦ୍ଧାରିତ ନିୟମ ଅନୁଯାୟୀ ଆବେଦନକାରୀଙ୍କ ଯୋଗ୍ୟତା, ତଥ୍ୟ ଓ ଆବଶ୍ୟକୀୟ ଦସ୍ତାବିଜ ଯାଞ୍ଚ ପରେ ନାମ ଅନ୍ତର୍ଭୁକ୍ତି ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ତେଣୁ ଭୋଟର ତାଲିକାରେ ନାମ ନଥିବା ସମସ୍ତ ଯୋଗ୍ୟ ନାଗରିକ ନିର୍ଦ୍ଧାରିତ ପ୍ରକ୍ରିୟାରେ ଫର୍ମ-୬ ଦାଖଲ କରି ଭୋଟର ଭାବେ ପିକରଣ ପାଇଁ ଆବେଦନ କରିବାକୁ ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ପକ୍ଷରୁ ଅନୁରୋଧ କରାଯାଇଛି।

# ପ୍ରାଥମିକ ବିଦ୍ୟାଳୟରେ ନିମ୍ନମାନର ମଧ୍ୟାହ୍ନ ଭୋଜନ ଅଭିଯୋଗ

**କେନ୍ଦ୍ରାପଡା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ଅନ୍ତର୍ଗତ ତାଳଚୁଆ ନୋଡାଲ୍ ପ୍ରାଥମିକ ବିଦ୍ୟାଳୟରେ ଛାତ୍ର/ଛାତ୍ରୀ ମାନଙ୍କୁ ଠିକ୍ ସମୟରେ ମଧ୍ୟାହ୍ନ ଭୋଜନ ଦିଆଯାଉନାହିଁ ଏଥିସହିତ ଅତି ନିମ୍ନମାନର ମଧ୍ୟାହ୍ନ ଭୋଜନ ଦେଉଥିବା ସ୍କୁଲ୍ ପରିଚାଳନା କମିଟିର ସଭ୍ୟ/ସଭ୍ୟାମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଗତ ତିନିମାସ ହେଲା ନୂତନ ଭାବେ ଯୋଗ ଦେଇଥିବା ପ୍ରଧାନ ଶିକ୍ଷୟିତ୍ରୀ ନିଜ ମନ ମୁତାବକ ସ୍କୁଲକୁ ଚଳାଉଛନ୍ତି। ଏହି ବିଦ୍ୟାଳୟରେ ପ୍ରାୟ ୩୫୦ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି। ସ୍କୁଲକୁ ଆସୁଥିବା ଚାଉଳ, ଅଣ୍ଡାକୁ ନ ଦେଇ ନିମ୍ନମାନର ଖାଦ୍ୟ ଦେଉଛନ୍ତି ଏବଂ



ପାଠ ପଢାରେ ମଧ୍ୟ ବ୍ୟାହାତ ସୃଷ୍ଟି ହେଉଛି। ଏ ନେଇ ପରିଚାଳନା କମିଟିର ଅଭିଶେକ୍ ଦେବନାଥ, ସସ୍ମିତା ଜେନା, ସୁମତୀ ମଣ୍ଡଳ, କାମିନୀ ସାହୁ, ଭାନୁ ମାଇତି, ସରସ୍ୱତୀ ପରମାଣିକ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ତଦନ୍ତ କରି ତୁରନ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

# କୁରାବେଡା କ୍ଲଷ୍ଟର ସ୍ତରୀୟ 'ସୁରଭୀ-୨୦୨୬' କାର୍ଯ୍ୟକ୍ରମ

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ କୁରାବେଡା କ୍ଲଷ୍ଟର ଅଧୀନସ୍ଥ କାଳିଆପଦର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ କ୍ଲଷ୍ଟର ସ୍ତରୀୟ 'ସୁରଭୀ-୨୦୨୬' କାର୍ଯ୍ୟକ୍ରମ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। କ୍ଲଷ୍ଟର ସିଆରସିସି ପ୍ରଦୀପ କୁମାର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସହ-ଶିକ୍ଷକ ସାଗର କୁମାର ପରିଡ଼ା ସଫଳତାର ସହ ପରିଚାଳନା କରିଥିବା ବେଳେ ପିଲିସାୟ ଗଣ୍ଡ ସହଯୋଗ କରିଥିଲେ। ଏହି କ୍ଲଷ୍ଟର ସ୍ତରୀୟ ପ୍ରତିଯୋଗିତାରେ ଅଧୀନସ୍ଥ ମୋଟ ୧୧ ଗୋଟି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀଙ୍କ ସୁପ୍ତ ପ୍ରତିଭାର ବିକାଶ ପାଇଁ ପ୍ରବନ୍ଧ ଲିଖନ, ସଙ୍ଗୀତ, ଚିତ୍ରାଙ୍କନ, ଚିତ୍ରକଳା, କୁଇଜ୍, ବିତର୍କ, ହସ୍ତଲିଖନ, ବକ୍ତୃତା, ତର୍କ ଏବଂ 'ପିଏମ୍ ପୋଷଣ' ଆଦି ବିଭିନ୍ନ ବିଷୟରେ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପ୍ରତିଯୋଗିତା ଶେଷରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯିବା ସହ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ନିତ୍ୟାନନ୍ଦ ପଣ୍ଡା

# ପିଲାଙ୍କ ମହାଭାରତ-୧୦୩

## କର୍ଣ୍ଣ ଓ କୁନ୍ତୀଙ୍କର ମିଳନ-୩



କୁନ୍ତୀ ପୁଅ କର୍ଣ୍ଣଠାରୁ ରୋକ୍‌ଠୋକ୍ କଥା ଶୁଣୁଥିଲେ । ଅନ୍ତର ଭିତରେ କର୍ଣ୍ଣ ପାଇଁ ଗର୍ବ ଅନୁଭବ କରୁଥିଲେ, କିନ୍ତୁ ମୁହଁ ଶୁଖିଯାଇଥିଲା ।

କର୍ଣ୍ଣ ପୁଣି କହିଲେ, "ମୋର ମାଆ ମୋଠାରୁ ନିରାଶ ହୋଇ ଫେରିବେ ନାହିଁ । ତୁମେ ଅର୍ଜୁନକୁ ଛାଡ଼ିଦିଅ । ଯୁଦ୍ଧରେ ସେ ମରିବ, ନହେଲେ ମୁଁ ମରିବି । ତୁମର ଅନ୍ୟ ପୁଅମାନଙ୍କ ଉପରକୁ ଅସ୍ତ୍ର ଉଠେଇବି ନାହିଁ । ମୋର ଯେତେ କ୍ଷତିକଲେ ମଧ୍ୟ । ମାଆ! ତୁମେ ପାଞ୍ଚ ପୁଅର ମାଆ ହୋଇ ରହିବ । ଯୁଦ୍ଧରେ ଆମ ଦୁଇଜଣଙ୍କ ମଧ୍ୟରୁ ଜଣେ କିଏ ତ ବଞ୍ଚିବ!

ପୁଅ କର୍ଣ୍ଣ କ୍ଷତ୍ରିୟ ଧର୍ମ ସୁନ୍ଦର ଭାବେ କହୁଚି । ଖୁସି ଓ ଦୁଃଖ ସମାନ ଭାବେ କୁନ୍ତୀଙ୍କୁ ଦୋହଲେଇ ଦେଉଥିଲା । ସେ ନିଜକୁ ମଧ୍ୟ ଦୋଷ ଦେଉଥିଲେ । ତାଙ୍କ ଆଖିରୁ ଲୁହ ଝରିପଡ଼ିଲା । ସେ ଲୁହର ବ୍ୟାଖ୍ୟା ଅସମ୍ଭବ ।

ପୁଅ କର୍ଣ୍ଣଙ୍କୁ ସେ ଆଲିଙ୍ଗନ କଲେ ଓ ନୀରବରେ ଫେରିଗଲେ । ଭାବୁଥିଲେ, ହେଇପାରେ ପୁଅ କର୍ଣ୍ଣଙ୍କୁ ମୋର ଏହା ପ୍ରଥମ ଓ ଶେଷ ଆଲିଙ୍ଗନ ।

ଭାଗ୍ୟରେ ଯାହାଅଛି ତାକୁ କିଏ ଅନ୍ୟଥା କରିବ!

"ଈଶ୍ୱର ତୋର ମଙ୍ଗଳ କରନ୍ତୁ" - କୁନ୍ତୀ ଘରକୁ ଫେରିଲେ ।

ଅନ୍ୟପକ୍ଷରେ, ପାଣ୍ଡବ ଶିବିରରେ......

ଶ୍ରୀକୃଷ୍ଣ ହସ୍ତିନାପୁରରୁ ଆସି ଉପଲବ୍ୟରେ ପହଞ୍ଚିଲେ । ଯାହା ଘଟିଥିଲା ବର୍ଣ୍ଣନା କଲେ । କହିଲେ- ଯାହା ଉଚିତ୍ ଓ ଯାହା ଉଭୟଙ୍କର ମଙ୍ଗଳ, ମୁଁ ବୁଝେଇଲି । ବରିଷ୍ଠମାନେ ମୋର କଥାକୁ ଗ୍ରହଣ କଲେ, କିନ୍ତୁ ଦୁର୍ଯ୍ୟୋଧନ ଶୁଣିଲା ନାହିଁ । ବର୍ତ୍ତମାନ ଯୁଦ୍ଧ ଏକମାତ୍ର ପଥ ।

ଯୁଧିଷ୍ଠିର ଭାଇମାନଙ୍କୁ କହିଲେ- କୁରୁକ୍ଷେତ୍ରକୁ ସେନା ଚଳନା ନିମନ୍ତେ ପ୍ରସ୍ତୁତି କର । ଶାନ୍ତିର ଦ୍ୱାର ବନ୍ଦ ହୋଇଗଲା ।

ସାତୋଟି ପୃଥକ୍ ଦଳରେ ସେନାଙ୍କୁ ପ୍ରସ୍ତୁତ କରାଗଲା । ଦଳର ମୁଖ୍ୟ ରହିଲେ ଦ୍ରୁପଦ, ବିରାଟ, ଧୃଷ୍ଟଦ୍ୟୁମ୍ନ, ଶିଖଣ୍ଡୀ, ସାତ୍ୟକି, ଚେକିତାନ ଓ ଭୀମସେନ୍ ।

ବର୍ତ୍ତମାନ ବିଚାର ବିମର୍ଷ ହେଲା, ଯୁଦ୍ଧରେ ସର୍ବୋଚ୍ଚ ମୁଖ୍ୟ କିଏ ହେବ!

(କ୍ରମଶଃ ...)

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୭୯୩୩୦୮*

# ମହାଳୟା ଶ୍ରାଦ୍ଧ ଦେଇ

*ମହେନ୍ଦ୍ର କୁମାର ଘଡ଼େଇ*



ମାଟି ବଇକୁଣ୍ଠ ଛାଡ଼ି ଦେଇ ତୁମେ
ଆମକୁ ଗଲ କି ଭୁଲି
ଭୁଲି ପାରି ନାହୁଁ ସତରେ ତୁମକୁ
ଥିଲ ବି ଯେମିତି କାଲି ।
ତୁମ ହାତଗଢ଼ା ଏ ପରାଣଦାନେ
ଅରଜିଛୁ ଯେତେ ଯଶ
ଧନ ଦଉଲତ ମାନ ପଉରୁଷ
ତୂଳ କିବା ତୁମ ପାସ ?
ଲିଭିଯିବା ବତୀଘର ପାଖେ ଠିଆ
ଜାଣିନୁ ଯାଉଛୁ କାହିଁ
ମନ କଳପନା ପୂରା କରି ହେବ
ଆଶାବାଡ଼ି ଆମ ପାଇଁ ?
ସ୍ୱଚ୍ଛ ନିରିମଳ ମମତା ଫୁଲର
ଅଞ୍ଜଳିଟେ ଟେକିଦେଇ

ତୁମ ସେ ଅଫେରା ପଥ ଚାହିଁ ଦୁଃଖେ
ଅଶାନ୍ତିରେ ଅଛୁ ରହି ।
ଘଡିଏ ନିମିଷେ ଦଣ୍ଡେ ହେଉ ପଛେ
ଆଜି ମନେପଡ଼ ଭାରି
ଅଦୁରଶେ ରହି ସଂସାର ଦୁଃଖକୁ
ଦେଖ ତୁମେ ମନଭରି ।
ପରିବାର ପୂର୍ବପୁରୁଷ ନାମରେ
ମହାଳୟା ଶ୍ରାଦ୍ଧ ଦେଇ
ଆଉ ଥରେ ଦେହଧାରୀ ହୋଇ ଆମ
ପାଇଁ ଆସ ଅଛୁ ଚାହିଁ ।

*କ୍ଷେତ୍ରମୋହନ ବିଦ୍ୟାପୀଠ, କଟରପଡ଼ା, ପିଠାପଡ଼ା, ନିଶ୍ଚିନ୍ତକୋଇଲି, କଟକ*
*ମୋ-୯୪୩୭୭୪୦୫୬୬*

# ମହାଳୟା

*ନୀଳମଣି ଚାନ୍ଦ*

ପିତୃପକ୍ଷଟିର ଅନ୍ତିମ ଦିବସ
ଜଣା ମହାଳୟା ନାମେ
ପବିତ୍ର ମନରେ ପାଳନ କରିବା
ହିନ୍ଦୁ ବୋଲି ସିନା ଆମେ ।

ମହାଳୟା ଶ୍ରାଦ୍ଧ, ପାର୍ବଣ ଶ୍ରାଦ୍ଧ
ମଉଳା ଶ୍ରାଦ୍ଧ ତା ନାଆଁ
ଭକତି ଭାବରେ ଲୋକେ ପାଳିଥାନ୍ତି
ସହର ଠାରୁ ଯେ ଗାଆଁ ।

ଆଶ୍ୱିନର ଅମାବାସ୍ୟା ସେହିଦିନ
କନ୍ୟା ରାଶିଟିରେ ରବି
ଅବସ୍ଥାନ ଯୋଗୁ ପିତୃ ପୁରୁଷଙ୍କୁ
ପିଣ୍ଡ ଦେବା ଅଛି ବିଧି ।

ବିଂଶ ଦେବଗଣଙ୍କୁ ତର୍ପଣ ପରା
କରାଯାଏ ଗୋଟେ ଥର
ସପ୍ତ ଋଷିଙ୍କୁ ଯେ ଦିଥର ତର୍ପଣ
ଦେବା ବିଧି ରକ୍ଷା କର ।

ପିତୃ ପୁରୁଷଙ୍କୁ ସେଦିନ ତର୍ପଣ
ତିନିଥର କରାଯାଏ
ଭୁବନରେ ବଳଦ ଯାତ୍ରା ସେଦିନ
ଠିକ୍ ଭାବେ ହୋଇଥାଏ ।

ମହାଳୟା ଦିନ ସମଲେଶ୍ୱରୀଙ୍କ
ଧବଳମୁଖୀର ବେଶ
ଦର୍ଶନ ପାଇଁଟି ଧାଡ଼ି ଲମ୍ବିଯାଏ
ହୁଏନି ସଅଳ ଶେଷ ।

ଦୁଇଦିନ ପରେ ମହାଳୟା ଶ୍ରାଦ୍ଧ
ଏକଥା ଭୁଲିବା ନାହିଁ
ଭାବିବା ବରଷ ପରେ ଆସୁଅଛି
ସତେ ସେ ଆମରି ପାଇଁ ।

*ମନ୍ତ୍ର ମାନୋର, ଗୋଠପାଟଣା*
*ମୋ-୯୫୮୩୨୦୨୩୫୭*



# ପାର୍ବଣ ଋତୁ

*ନିରଞ୍ଜନ ସାହୁ*

ଆଶ୍ୱିନ ମାସରେ ଦଶହରା ଆସେ
ବିରାଜନ୍ତି ଦଶଭୁଜା
ସଭିଏଁ କହନ୍ତି, ପାର୍ବଣ ଋତୁରେ
ଚାଲୁଅଛି ଦୁର୍ଗାପୂଜା ।
ଦେବୀ ଆଗମନ ଜାଣିକି ପ୍ରକୃତି
ନିଜକୁ ସଜାଇ ଦିଏ
ସୁନ୍ଦର ପଣରେ ଅତି ସହଜରେ
ମନକୁ ସେ ମୋହିନିଏ ।
ସୁନୀଳ ଆକାଶେ ଭାସି ଯାଉଥାନ୍ତି
ଧଳା ମେଘଖଣ୍ଡମାନ
ଧରଣୀ ପିନ୍ଧଇ ଶ୍ୟାମଳିମା ପାଟ
କ୍ଷେତରେ ସବୁଜ ଧାନ ।
କାଶତଣ୍ଡି ଫୁଲ ଢଳି ହସୁଥାଏ
ବହିଗଲେ ମୃଦୁ ବାଆ
ଅପେକ୍ଷାରେ ଥାଏ କେତେବେଳେ ଆସି
ବିରାଜିବେ ଦୁର୍ଗା ମାଆ ।
ଚନ୍ଦ୍ରମଣ୍ଡଳ ଯେ ଅତି ମନୋହର
ସରୋବରେ ପଦ୍ମ, କଇଁ
ନୂଆନୂଆ କରି ଶିଶିର ଝରଇ
ସଞ୍ଜ ଆସିଗଲେ ନଇଁ ।
ଜନ୍ମାଷ୍ଟମୀ ଦିନ ମାଟି ଉଠାଯାଇ
ମୂର୍ତ୍ତି ହୋଇଥାଏ ଗଢ଼ା
ଶୁକଳ ଷଷ୍ଠୀରୁ ପୂଜା ଆରମ୍ଭଇ
ସପ୍ତସତୀ ଚଣ୍ଡୀ ପଢ଼ା ।
ପୂଜା ମଣ୍ଡପରେ ମୃଣ୍ମୟୀ ପ୍ରତିମା
ଆହା କି ସୁନ୍ଦର ଶୋଭା
ମାଆଙ୍କର ମୂର୍ତ୍ତି ନିଖୁଣ ଗଠନ
ଦିଶୁଥାନ୍ତି ମନଲୋଭା ।
ପୀଠମାନଙ୍କରେ ମୂଳାଷ୍ଟମୀ ଠାରୁ
ଷୋଳଦିନ ପୂଜା ହୁଏ
ଏହି ପୂଜା ପାଇଁ ଭକତ ପ୍ରବର
ଷୋଳ ଉପଚାର ଥୁଏ ।
ସପ୍ତମୀ, ଅଷ୍ଟମୀ, ନବମୀ, ଦଶମୀ
ମହାପୂଜା ହେବା ଧାର୍ଯ୍ୟ
ବିଧି ଅନୁସାରେ ନିଷ୍ଠା ସହକାରେ
କରାଯାଏ ପୂଜା କାର୍ଯ୍ୟ ।
ଦଶହରା ବାସି ଭସାଣି ଉତ୍ସବ
ମାଆ ବିସର୍ଜନ ହେବେ
ମୃଣ୍ମୟୀ ଦେବୀଙ୍କୁ ଶୋଭାଯାତ୍ରା କରି
ନଦୀ, ପୋଖରୀକୁ ନେବେ ।
ଆମେ ଯେତେ ଅଛେ କୁନିକୁନି ପିଲା
ମାଆଙ୍କ ପାଖକୁ ଯିବା
ମାଆଙ୍କୁ ଭକ୍ତିରେ ପ୍ରଣାମ କରିକି
ମାଆଙ୍କ ପାଖରେ ଥିବା ।
ମାଆଙ୍କୁ କହିବା ମନଖୋଲା କଥା
ହସିଦେବେ ପରା ମାଆ
ଆଶିଷ ବାଢ଼ିବେ ଖୁସିରେ କହିବେ,
ସମସ୍ତେ ଭଲରେ ଥାଆ ।
ମାଆ ଆଶୀର୍ବାଦେ ଶୁଭଙ୍କର ହେବ
ଚଲାପଥ ପରା ଆମ
କାମରେ ଆମେ ତ ସଫଳ ହୋଇବା
ଅରଜିବା ପୁଣି ନାମ ।
ଦଶହରା ଛୁଟି କଟାଇକି ଆମେ
ବିଦ୍ୟାଳୟ ପୁଣି ଯିବା
ଦଶହରା ଛୁଟି କେମିତି କାଟିଲେ
କୁହାକୁହି ହେଉଥିବା ।

*ନିହଲ ପ୍ରସାଦ, ଗଁଦିଆ ପାଟଣା,*
*ଢେଙ୍କାନାଳ- ୭୫୯୦୧୬*
*ମୋ- ୯୯୩୮୭୪୧୫୮୩*

# ଦୀନଜନର ବନ୍ଧୁ

*ପ୍ରଶାନ୍ତ କୁମାର ଦାଶ*

ବିଡ଼ି ବେଳରେ ନିଜେ ନଖାଇ
ଗାଆଁକୁ ଗାଆଁ ବୁଲି
ବାଣ୍ଟୁଥିଲେ ସେ ଚୁଡ଼ା ଚାଉଳ
ଆପଣା ଦୁଃଖ ଭୁଲି ।।

ମିଠା ବଚନ କହି ସଭିଙ୍କୁ
କରୁଥିଲେ ତ ବଶ
ଦୀନଜନର ଲୁହକୁ ପୋଛି
ଫୁଟାଉ ଥିଲେ ହସ ।।

ରୋଗୀଣା ପୁଅ ଦୁଃଖକୁ ଏଡି
ଛାଡ଼ିଥିଲେ ସେ ଘର
ଶେଷରେ ଗଲା ପୁଅତ ଚାଲି
କରିକି ସାତପର ।।

ଅହିଂସା ନୀତି ବଳରେ ସେତ
ସଂଗ୍ରାମୀ ଥିଲେ ସାଜି
ତାଙ୍କରି ପାଇଁ ମୁକତି ସୁଖ
ପାଉଛେ ଆମେ ଆଜି ।।

ମଣିଷ ଗଢ଼ା କାରଖାନାର
ବିନ୍ଧାଣୀ ଥିଲେ ସିଏ
ଉତ୍କଳମଣି ପଦପାଇଲେ
ତାଙ୍କରି ପରି କିଏ ।।

ସେବା ମମତା ଶାନ୍ତି ସମତା
ଥିଲା ତାଙ୍କରି ପାଖେ
ଦୁଃଖରେ ପଡ଼ି ଦୀନ ନିରୀହ
ଆକୁଳେ ତାଙ୍କୁ ଡାକେ ।।

ଅଫେରା ପୁରେ ଥାଇ ମଥାରେ
ଆଶିଷ ଦେଲେ ଢାଳି
ତାଙ୍କରି ପରି ତମ ନିଶିରେ
ଦୀପାଳି ଦେବୁ ଜାଳି ।।

*କୁଞ୍ଜର -ସଙ୍ଗଳାଇ, ପିପିଲି -ପୁରୀ*
*ମୋ-୯୬୬୮୮୨୨୧୯୦*

# ଓଡ଼ିଶା ମାଟିର ମଣି

*ପ୍ରଫୁଲ୍ଲ କୁମାର ସାହୁ*



ଓଡ଼ିଶା ମାଟିର ମଣି ଗୋପବନ୍ଧୁ
ଦାସ ଓଡ଼ିଆ ଜାତିର,
ଜନମ ଦିନରେ ପଡନ୍ତି ସେ ମନେ
ଘରେ ଘରେ ସଭିଙ୍କର ।୧।

ପରାଧୀନ ଉତ୍କଳର ଦେବଦୂତ
ସେ ଥିଲେ ସଭିଙ୍କ ସାଥୀ,
ନାହାନ୍ତି ଆଜି ସେ ଆମ ଗହଣରେ
ଝୁରୁଛି ଓଡ଼ିଆ ଜାତି ।୨।

ବନ୍ୟା ବାତ୍ୟା ବେଳେ ବିପଦ ବେଳରେ
ପହଞ୍ଚି ଲୋକଙ୍କ ପାଶେ,
ହେଉଥିଲେ ସାହା ଦେଉଥିଲେ ରାହା
ଏବେ ତାଙ୍କ ଛବି ଦିଶେ ।୩।

ଛାଡି ନିଜ ଘର ବନ୍ଧୁ ପରିବାର
ସାଥିଙ୍କ ମେଳରେ ଯାଇ,
ଲୋକଙ୍କର ଦୁଃଖ ନିଜେ ବୁଝୁଥିଲେ
ଆଖି ଲୁହ ପୋଛି ଦେଇ ।୪।

ନଈ ବଢ଼ି ବେଳେ ଆଜି ବି ଖୋଜନ୍ତି
ପୁରୁଖା ପୁରୁଖା ଲୋକେ,
ବୁଝାଇ କୁହନ୍ତି ଗୋପ ଗୁଣ ଗାଥା
ବସାଇ ନିଜର ପାଖେ ।୫।

ଯେତେ ଖୋଜିଲେ ବି କେଉଁଠି ମିଳିବେ
ତାଙ୍କ ପରି ଜନ ନେତା,
ଦୁଃଖୀ ଜନ ଦୁଃଖ ଘୁଞ୍ଚାଇ ପାରିବେ
ବୁଝି ଲୋକଙ୍କର କଥା ।୬।

ଉତ୍କଳ ମାତାର ଥିଲେ ଯୋଗ୍ୟ ସୁତ
ସେ ଯେ ଉତ୍କଳର ମଣି,
ଭାବ ଭକ୍ତି ପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଦେଉ
ଆଜି ତାଙ୍କ ଗୁଣ ଗୁଣି ।୭।

*ଶିକ୍ଷକ, ଶକ୍ତି ବିହାର/ବାଲିପଡ଼ା,*
*ମାହାଙ୍ଗା, କଟକ*
*ମୋ-୭୬୦୯୦୪୪୩୮୩*

# ସବୁଦିନ ପାଇଁ ସିଏ ପ୍ରଣମ୍ୟ

*ରାଜ କିଶୋର ସ୍ୱାଇଁ*



ଯିବାପାଇଁ ହୁଏ ସଂସାରରୁ ଦିନେ
ଏଇ ଦୁନିଆକୁ ଆସଇ ଯିଏ
ସାହିତ୍ୟ ସେବାରେ କାଟେ ଯିଏ ଦିନ
ମରି ମଧ୍ୟ ହୁଏ ଅମର ସିଏ ।।୧।।

ଏ ଚିର ସତ୍ୟକୁ ବୁଝିଥିଲେ ପରା
ଶିକ୍ଷାବିତ ପ୍ରହରାଜ ଗୋପାଳ
ପୂର୍ଣ୍ଣ ଚନ୍ଦ୍ର ଭାଷା କୋଷ ଲେଖି ସିଏ
କଲେ ନିଜ ସପନକୁ ସାକାର ।।୨।।

ସତେଇଶି ବର୍ଷ ଲାଗିଗଲା ତାଙ୍କୁ
ସଂକଳନ ପାଇଁ ଏ ଅଭିଧାନ
ଗାନ୍ଧୀ ଗୋପବନ୍ଧୁ କବିଗୁରୁ କଲେ
ଦେଖି ତାଙ୍କ କୃତି ପ୍ରଶଂସା ଗାନ ।।୩।।

ଇଂରେଜ ସର୍କାର ସଂକଳନ ପାଇଁ
ଭାଷାକୋଷ ଭଳି ଅମୂଲ୍ୟ ଗ୍ରନ୍ଥ
ସମ୍ମାନ ଜନକ ରାୟ ବାହାଦୂର
ଉପାଧିରେ କଲେ ତାଙ୍କୁ ଭୂଷିତ ।।୪।।

ବହୁମୁଖୀ ପ୍ରତିଭାର ପରିଚୟ
ଦିଏ ତାଙ୍କ ସାରସ୍ୱତ ସମ୍ଭାର
ହୋଇଛି ସମୃଦ୍ଧ ତାଙ୍କ ଅବଦାନେ
ଓଡ଼ିଆ ସାହିତ୍ୟ ବାଣୀ ଭଣ୍ଡାର ।।୫।।

ଓକିଲାତି ଛାଡି କରିଥିଲେ ସିଏ
ସାହିତ୍ୟକୁ ତାଙ୍କ ଜୀବନେ ନିଶା
ବଡ ହେବାପାଇଁ କହିଥିଲେ ସିଏ
ବଡକର ଆଗ ନିଜର ଭାଷା ।।୬।।

ଆଜି ତାଙ୍କ ଶୁଭ ଜନମ ତିଥିରେ
ତାଙ୍କ ପାଦେ ମଥା ଲୋଟା ପ୍ରଣାମ
ଅପାସୋରା ତାଙ୍କ ସାହିତ୍ୟ ସାଧନା
ସବୁଦିନ ପାଇଁ ସିଏ ପ୍ରଣମ୍ୟ ।।୭।।

*ଅବସର ପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ, କାର୍ଯ୍ୟନିର୍ବାହୀକା ସମିତି ସଦସ୍ୟ, ଉତ୍କଳ ସାହିତ୍ୟ ସମାଜ*
*ଶାନ୍ତିନଗର, ନୂଆପଡା, ନୂଆବଜାର, କଟକ-୭୫୩୦୦୪*
*ମୋ-୯୪୩୭୪୪୨୦୪୧*

# ଶକ୍ତିମୟୀ ମା ଜନନୀ

*ନଗେନ୍ଦ୍ର ନାଥ ପଟ୍ଟନାୟକ*

ଜଗତ ଜନନୀ ସାରଦା ବରଦା
ଆସ ମାଗୋ ତୁମେ ଧରାକୁ
ଅନ୍ୟାୟ ଅସତ୍ୟ ଅଧର୍ମ କବଳେ
ଧରଣୀ ମା ଡାକେ ତୁମକୁ ।।
ସାଜସଜା ଶୋଭା କେଡେ ମନଲୋଭା
ଦିଶୁଅଛି ତୁମ ମଣ୍ଡପ
ସିଂହ ବାହାନରେ ବିଜେ ଦଶଭୁଜା
ଜ୍ୟୋତିର୍ମୟୀ ମା ସ୍ୱରୂପ ।।
ଝରି ପଡୁଥାଉ ତୁମରି ଆଶିଷ
ପୁଣ୍ୟମୟ ହେଉ ଅବନୀ
ଶକ୍ତି ଭରିଦିଅ ସବୁରିଙ୍କ ହୃଦେ
ଶକ୍ତିମୟୀ ମା ଜନନୀ ।।
ମରତ ବୁକୁରୁ ଅପସରି ଯାଉ
ତିମିର ଅଜ୍ଞାନ ଅନ୍ଧାର
ଅପାର କରୁଣା କୃପା ବଳେ ତୁମ
ଚଳମାନ ଆମ ସଂସାର ।।
ଦୁଃଖ ହରି ତୁମେ ସୁଖ ଶାନ୍ତି ଦିଅ
ଧରା ବୁକେ ସବୁ ଜନଙ୍କୁ
ନାଶକର ଘୃଣା ଅସତ୍ୟ ଅହିଂସା
ପୁଣ୍ୟ ରହୁ କାଳ କାଳକୁ ।।
ଭକତି ମଗନେ ଗୁହାରି କରୁ ମା
ତୁମର ଆଶିଷ ପାଇଁକି
କୃପାବାରି ତୁମ ଧୋଇଦେଇ ଯାଉ
ପାପ ତାପ ଦୁଃଖ କଳଙ୍କି ।।

*ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,*
*ଓଡ଼ିଶା ସରକାର*
*ଓସ୍କାର ସିଟି, ଲକ୍ଷ୍ମୀ ସାଗର*
*କେନାଲ ରୋଡ*
*ମୋ-୯୪୩୮୩୩୨୧୩୮*

# ଶରତର ଆଗମନ

*ସୁରମା ମିଶ୍ର*



ବରଷା ବିଦାୟ ନେଲା
ଶରତ ପ୍ରବେଶ କଲା
ଧବଳ କୁସୁମେ ଉଦ୍ୟାନ ହସିଲା
ଚଉଦିଗ ଶୋଭା ପାଇଲା ॥

ଆକାଶ ନିର୍ମଳ ଦିଶିଲା
ତା ମଧ୍ୟେ ଚାନ୍ଦଟି ଉଇଁଲା
ସରସୀରେ ନୀଳ କଇଁଟି ଫୁଟିଣ
ଲାଜେଇ ଲାଜେଇ ହସିଲା ॥

କାଶତଣ୍ଡୀ ଫୁଲ ଝୁମିଲା
ଚଅଁର ହଲେଇ ଡାକିଲା
ଆସ ଦଶଭୁଜା ସିଂହବାହିନୀ ଲୋ
ପାର୍ବଣ ଋତୁଟି ଆସିଲା ॥

ପୂଜିବୁ ମା ତୁମ ଚରଣ
ଦେବ ମା ଲୋ ତୁମେ ଶରଣ
ସକଳ ବିପଦ ଦୁଃଖ କଷ୍ଟରୁ ମା
କରିବ ଆମକୁ ତାରଣ ॥

ତୁମ ପଦେ ଏହି ବିନତି
ଲୋପ କର ସବୁ ଦୁର୍ନୀତି
ଶାନ୍ତିର ବାତାବରଣ ଭରିଦିଅ
ଦୂର କରି ସବୁ ଅନୀତି ॥

ଚାରି ଆଡ ହେଲା ଦୂଷିତ
ସବୁ ତ ଆଜି କଳୁଷିତ
ଆସ ଆସ ମାତ ହୁଅ ବିରାଜିତ
ଦୁଃଖ ବଢ଼େ ଅପ୍ରମିତ ॥

ତୁମେ ଯଦି ଦୁଃଖ ବୁଝିବନି
ଆମକୁ ସାହାଯ୍ୟ କରିବନି
କିଏ ଆଉ ଆମ ଦୁଃଖ ବୁଝିବ ଲୋ
କାହାକୁ କରିବୁ ଦୟିନି ॥

*ବି ଏଲ ୩୯, ଭି ଏସ ଏସ*
*ନଗର, ଭୁବନେଶ୍ୱର*

# ପୂଣ୍ୟ ନବରାତ୍ର ଆସୁଛି ମିତ....

*ରାମଚନ୍ଦ୍ର ବେହେରା*

ପୂଣ୍ୟ ନବରାତ୍ର ଆସୁଛି ମିତ
ସମଗ୍ର ବିଶ୍ୱରେ ହେବ ପାଳିତ
ତୋରଣ ହେଲାଣି ସଜା
ମାତା ଦଶଭୁଜା ସ୍ୱର୍ଗରୁ ଆସିବେ
ମରତେ ପାଇବେ ପୂଜା ।
ନଅଦିନ ମାତା ନଅ ବେଶରେ
ଦେଖା ଦେବେ ଏହି ପୂଣ୍ୟ ଧରାରେ
ପୂଜିବେ ଶ୍ରଦ୍ଧାଳୁ ଜନେ
ତୁରୀ ଭେରି ଯୋଡି ନାଗେରା ବାଜିବ
ଭକତି ଜାଗିବ ପ୍ରାଣେ ।
ଶରତେ ହସୁଛି ପବିତ୍ର ମହୀ
ଭକ୍ତି ଉପାସନା ପରାଣେ ବହି
ରଖି ଉପବାସ ବ୍ରତ
ସଭିଏଁ ପାଳିବେ ପୂଣ୍ୟ ନବରାତ୍ର
କୃପା ବରଷିବେ ମାତ ।
ମହିଷାସୁରର ପାପ କାରଣେ
ଜନ୍ମିଥିଲେ ସିଏ ବସୁଧା କୋଳେ
ପାପୀର ହେଲା ନିଧନ
ଧର୍ମର ବିଜୟ ହୋଇଥାଏ ସଦା
କୁହଇ ଆମ ପୁରାଣ ।
ଧର୍ମ ପଥେ ଆମେ ଚାଲିବା ଭାଇ
ପର ଅମଙ୍ଗଳ କରିବା ନାହିଁ
ନଦେବା କାହାକୁ ଦୁଃଖ
ଦୁଃଖୀ ଦରିଦ୍ରଙ୍କ ସେବା କରି ଆମେ
ବାଣ୍ଟିବା ସେନେହ ସୁଖ ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*



# ଅଶିଣ ମାସରେ

*ଧ୍ରୁବ ଚରଣ ଘିବେଲା*

ଭାଦ୍ରବ ଗଲେ ଅଶିଣ
କରେ ଆଗମନ
ଶରତରେ ମରତର
ଶୋଭା ମନୋରମ ।
କାଶ ହସେ ବାଟେଘାଟେ
ଅଶିଣ ମାସରେ
କାଶ ପାଇଁ ଧରା ଶୋହେ
ଧବଳ ପାଟରେ ।
ଧାନ କ୍ଷେତ ସବୁଜିମା
ଶରତେ ସୁନ୍ଦର
ଭରା ଥାଏ ସବୁଜିମା
ପଡ଼ିଆ ପ୍ରାନ୍ତର ।
ଦିନ ସରି ସଞ୍ଜ ହେଲେ
ସଞ୍ଜୁଆ ବାଆରେ
ଆନମନା ହୁଅନ୍ତି କେ
ବାଆର ଛୁଆଁରେ ।
ବାଆ ବହିଲେ ଲହଡ଼ି
ମାଡ଼େ କ୍ଷେତେ ବେଗି
ଲହଡ଼ି ଖେଳେ କ୍ଷେତରେ
ପୁଣି ଲାଗି ଲାଗି ।
ସ୍ୱଚ୍ଛ ନିରିମଳ ସେଇ
ସଞ୍ଜ ଅଶିଣର
ଆକାଶରେ ଫୁଟିଥାନ୍ତି
କେତେ ତାରାଫୁଲ ।
ସଞ୍ଜ ଗଡ଼ି ଗଲେ ବଢ଼େ
ରାତିର ଆୟୁଷ
ରାତି ଲଭେ ସେତେ ସେତେ
ଶିଶିର ପରଶ ।
ଅଶିଣ ସଞ୍ଜ ସୁନ୍ଦର
ନିରିମଳ ଥାଇ
ସରସୀରେ ଶୋଭା ପାନ୍ତି
ପଦୁଅଁକୁ କଇଁ ।
ଅଶିଣରେ ଗାଁ ସହର
ପୂଜାମଣ୍ଡପରେ
ବିରାଜିବେ ଦୁର୍ଗାମାଆ
ଭକତ ମେଳରେ ।
ଅଶିଣେ ପାର୍ବଣ ପର୍ବ
ମା' ଦୁର୍ଗାଙ୍କ ପୂଜା
ଗହଳ ଚହଳ ଜମେ
ନେଇ ପୂଜା ମଜା ।

*ବଉଦରାଜ -୭୬୨୦୧୪, ବୌଦ୍ଧ*
*ମୋ-୯୪୩୭୪୭୮୪୬୬*



# ଫେରିଆସ ହେ ଯୁଗ ପୁରୁଷ

*ସୁଧାକର ରାଉତ*



ଦରିଦ୍ର ଜନର ବନ୍ଧୁ ଗୋପବନ୍ଧୁ
ଲୁଚିଗଲ ତୁମେ କେଣେ
ତୁମ ଭଳି ଅସହାୟର ଦେବତା
ଦେଖୁ ନାହୁଁ କେହି ଜଣେ ।

ବାତ୍ୟା, ବନ୍ୟା ଆଉ ମରୁଡ଼ି କାଳରେ
ଝୁରନ୍ତି ତୁମକୁ ଏବେ
ସତେ କଣ ଆହେ ଉତ୍କଳର ମଣି
ଫେରି ଆସିବନି କେବେ ।

ସ୍ୱାଧୀନତା ସଂଗ୍ରାମେ ତୁମ ଭୂମିକା
ସହଜେ କେ ପାରେ ଭୁଲି
ଦେଶ ପ୍ରେମ ଭାବ ଜନତା ମନରେ
ଜଗାଇଛ ବୁଲି ବୁଲି ।

ଦେଶ ସେବା ସହ ମାନବ ସେବା ବି
ଥିଲା ଜୀବନର ବ୍ରତ
ସେ ଲାଗି ଦୁର୍ଦ୍ଦଶାଗ୍ରସ୍ତଙ୍କ ସେବାରେ
ହୋଇଥିଲେ ସଦା ରତ ।

ସ୍ୱତନ୍ତ୍ର ଉତ୍କଳ ଗଠନ ନିମିତ୍ତ
ତୁମର ଯେ ଅବଦାନ
ଅବିସ୍ମରଣୀୟ ହୋଇ ରହିଥିବ
ଥିବା ଯାଏ ଜାତି ପ୍ରାଣ ।

ମାନବବାଦ ବାରତା ପ୍ରଚାରୁଥିଲ
ହେ ଆଦର୍ଶବାଦୀ ନେତା
ଆଚରଣ ଆଉ ଉଚ୍ଚାରଣେ ମଧ୍ୟେ
ନଥିଲା ମିଥ୍ୟାର ସତ୍ତା ।

କେତେ ଯେ କଷଣ ସହିଛ ଜୀବନେ
ସ୍ୱାର୍ଥପରତାକୁ ତେଜି
ସତ୍ୟ, ନ୍ୟାୟ, ନୀତି ଆଦର୍ଶ ବାରିରେ
ଯାଇଅଛ ସଦା ଭିଜି ।

ତୁମ ପ୍ରତିଷ୍ଠିତ ବନ ବିଦ୍ୟାଳୟ
ଏବେ ବି ତୁମକୁ ଝୁରେ
ମାନସ ସନ୍ତାନ 'ସମାଜ' ବି ଗାଏ
ସତ୍ୟ ଶାଣିତ ସୁରେ ।

ମାଟି ଦେହ ସିନା ମାଟିରେ ମିଶିଲା
ଶମଶାନେ ଗଲା ଜଳି
ମାତୃଭୂମିକୁ ଆଲୋକିତ କରିବୁ
ତୁମ ସତ୍ୟାଲୋକ ଜାଳି ।

*ପ୍ରତାପ ନଗରୀ, କଟକ*
*ମୋ-୮୨୪୯୯୩୨୭୯୨*

# ଶରତ ଶୋଭା

*ଜଗଦୀଶ ସାହୁ*



ଶରତ ଆସିଛି ମରତକୁ ବୁଲି
ବହେ ସୁଲୁସୁଲୁ ବାଆ
ସୁନାଖରା ଖାଇ ଧାନକ୍ଷେତ ହସେ
ଖୁସି ହୁଏ ମାଟିମାଆ ।

ଆକାଶ ବୁକୁରେ ଖଣ୍ଡ ଖଣ୍ଡ ଧଳା-
ମେଘ ନାଚିବାର ଶୋଭା
ନଈପଠା ଧାରେ କାଶତଣ୍ଡି ଫୁଲ
ଆହାଃ କେଡେ ମନଲୋଭା ।

ମହମହ ହୋଇ ଚଉଦିଗ ବାସେ
ଜାତିଜାତି ଫୁଲ ଫୁଟି
ଫୁଲ ଦେହୁ ରସ ମହୁମାଛି ଆସି
ଗେଲ କରିନିଏ ଲୁଟି ।

କାଚ କେନ୍ଦୁ ପରି ନିରିମଳ ଦିଶେ
ପୋଖରୀ ଗାଡ଼ିଆ ଜଳ
ସାରୁ ପତରରେ ପାହାନ୍ତି କାକର
ହେଉଥାଏ ଢଳଢଳ ।

ମୁକୁତା ପରାଏ ଦିଶେ ଦାଉ ଦାଉ
ସୂରୁଜ କିରଣ ପଡି
ଜଗତ ଜନନୀ ଧରାକୁ ଆସିବେ
ସିଂହ ବାହନରେ ଚଢି ।

*ସଂଜପଡା, ହିନ୍ଦୋଳ,*
*ଢେଙ୍କାନାଳ-୭୫୯୧୨୮*
*ମୋ-୯୦୭୮୧୮୫୬୧୬*

ଯୁବ ଟେଷ୍ଟ

# ୨-୦ରେ ଜିତିଲା ଭାରତ



**ଅହମଦାବାଦ**

ପଦାର୍ପଣକାରୀ ତନ୍ମୟ ବଲୋଡ଼ାଙ୍କ ୧୪ ୱିକେଟ୍ ସଫଳତା ବଳରେ ଭାରତର ୧୯ ବର୍ଷରୁ କମ୍ ଦଳ ଏଠାରେ ଚାଲିଥିବା ଅଷ୍ଟ୍ରେଲିଆ ୧୯ ବର୍ଷରୁ କମ୍ ଦଳ ବିପକ୍ଷ ଦ୍ୱିତୀୟ ଟେଷ୍ଟକୁ ୧୦ ୱିକେଟ୍‌ରେ ଜିତି ନେଇଛି। ଏହି ବିଜୟ ସହ ଭାରତ ୨ ମ୍ୟାଚ୍ ବିଶିଷ୍ଟ ଏହି ଶୃଙ୍ଖଳାକୁ ୨-୦ରେ ମୂଳପୋଛ କରି ନେଇଛି।

ପ୍ରଥମ ପାଳିରେ ୬ ୱିକେଟ୍ ନେଇଥିବା ତନ୍ମୟ ଦ୍ୱିତୀୟ ପାଳି ୮ ୱିକେଟ୍ ନେବାରୁ ଅଷ୍ଟ୍ରେଲିଆ ୧୫୧ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଫଳରେ ଭାରତ ସମ୍ମୁଖରେ ବିଜୟ ଲକ୍ଷ୍ୟ ମାତ୍ର ୧୧ ରନ୍ ରହିଥିଲା। ଏହାକୁ ଭାରତର ଦୁଇ ଓପନର ଲକ୍ଷ୍ୟ ରାଇଚନ୍ଦାନୀ (୯*, ୪ ବଲ୍) ଓ ସାଗର ବୀର୍କ (୨*, ୧ ବଲ୍) ମାତ୍ର ୫ ବଲରେ ହାସଲ କରିନେଇଥିଲେ।

ଏହି ୪ଦିନିଆ ମ୍ୟାଚ୍‌ର ବୁଧବାର ତୃତୀୟ ଦିନରେ ୮୬/୪ରୁ ଖେଳ ଆରମ୍ଭ କରିଥିବା ଅଷ୍ଟ୍ରେଲିଆ ଏଥିରେ ୬୬ ରନ୍ ଯୋଡ଼ି ଅବଶିଷ୍ଟ ୬ ୱିକେଟ୍ ହରାଇଥିଲା। ଅଷ୍ଟ୍ରେଲିଆ ପ୍ରଥମ ପାଳିରେ ୧୭୪ ରନ୍ କରିଥିଲା ବେଳେ ଭାରତ ୩୧୫ ରନ୍ କରି ୧୪୧ ରନ୍‌ରେ ଆଗୁଆ ରହିଥିଲା। ଚମତ୍କାର ବୋଲିଂ (୬/୩୨, ୮/୪୧) ସହ ଦ୍ୱିତୀୟ ପାଳିରେ ଉପଯୋଗୀ ୨୮ ରନ୍ କରିଥିବା ତନ୍ମୟ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲା ବେଳେ ବ୍ଲାକ୍ କାଟଲ (୨୯୬ ରନ୍)ଙ୍କୁ ଶୃଙ୍ଖଳାର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା।

# ଟ୍ୱେଣ୍ଟି-୨୦ ର୍ୟାଙ୍କିଂ : କ୍ୟାରିୟରର ଶ୍ରେଷ୍ଠ ସପ୍ତମ ସ୍ଥାନରେ ଆୟର

**ଦୁବାଇ**

ଭାରତୀୟ ଅଧିନାୟକ ଶ୍ରେୟସ ଆୟର ବୁଧବାର ପ୍ରକାଶିତ ଆଇସିସି ପୁରୁଷ ଟ୍ୱେଣ୍ଟି-୨୦ ବ୍ୟାଟିଂ ମାନ୍ୟତାର ସପ୍ତମ ସ୍ଥାନରେ ପହଞ୍ଚିଛନ୍ତି। ୱେଷ୍ଟଇଣ୍ଡିଜ୍ ବିପକ୍ଷ ମଙ୍ଗଳବାର ମ୍ୟାଚ୍‌ରେ ସେ ୪୩ ବଲ୍‌ରୁ ୧୦ ଚୌକା ଓ ୬ ଛକା ସହାୟତାରେ ଅପରାଜିତ ୧୦୨ ରନ୍ କରିଥିଲେ। ତାଙ୍କର ଏହି ଶତକୀୟ ପାଳି ବଳରେ ଭାରତ ୩୨ ବଲ୍ ପୂର୍ବରୁ ୨ ୱିକେଟ୍ ହରାଇ ମ୍ୟାଚ୍ ଜିତି ନେଇଥିଲା।



ଏହି ମ୍ୟାଚ୍ ବିଜୟୀ ପାଳି ଯୋଗୁଁ ଶ୍ରେୟସ ମାନ୍ୟତାରେ ବଡ଼ ଲମ୍ଫ ଦେଇଛନ୍ତି। ସେ ୧୮ ସ୍ଥାନ ଉଠି ନିଜ କ୍ୟାରିୟରର ଶ୍ରେଷ୍ଠ ମାନ୍ୟତା ସପ୍ତମ ସ୍ଥାନ ଅଧିକାର କରିଛନ୍ତି। ତାଙ୍କ ସହ ଟ୍ୱେଣ୍ଟି-୨୦ ବ୍ୟାଟିଂ ମାନ୍ୟତାରେ ଶୀର୍ଷ ୧୦ରେ ୪ ଜଣ ଭାରତୀୟ ରହିଛନ୍ତି। ଇଶାନ କିଶନ ୯୦୨ ପଏଣ୍ଟ ସହ ଶୀର୍ଷରେ ଥିଲା ବେଳେ ଅଭିଷେକ ଦ୍ୱିତୀୟ ଓ ତିଳକ ବର୍ମା ଦଶମରେ ରହିଛନ୍ତି। ବୋଲିଂରେ ଭାରତରୁ କେବଳ ଅକ୍ଷର ପଟେଲ (ସପ୍ତମ) ଓ ଯଶପ୍ରୀତ ବୁମ୍ରା (ଦଶମ) ଶୀର୍ଷ ୧୦ରେ ରହିଛନ୍ତି। ବିଶ୍ୱ ବିଜେତା ଭାରତ ପୂର୍ବ ପରି ଶୀର୍ଷ ସ୍ଥାନକୁ ଆହୁରି ଦୃଢ଼ କରିଛି।

ଦିନିକିଆ ବ୍ୟାଟିଂ ମାନ୍ୟତାରେ ଭାରତୀୟ ଅଧିନାୟକ ଶୁବମନ ଗିଲ୍ ଶୀର୍ଷ ସ୍ଥାନ ବଜାୟ ରଖିଥିଲା ବେଳେ ବିରାଟ କୋହଲି ଗୋଟିଏ ସ୍ଥାନ ଖସି ତୃତୀୟରେ ରହିଛନ୍ତି। ରୋହିତ ଶର୍ମା ଚତୁର୍ଥ ଓ କେଏଲ୍ ରାହୁଲ ଦଶମରେ ରହିଛନ୍ତି। ବୋଲିଂ ମାନ୍ୟତାରେ ଭାରତର କୁଲଦୀପ ଯାଦବ (ଷଷ୍ଠ) କେବଳ ଶୀର୍ଷ ୧୦ ଭିତରେ ଅଛନ୍ତି।

# ଚାଇନା ସ୍ମାସ୍ : କ୍ୱାର୍ଟରରେ ମାନବ-ମନୁଷ

**ବେଜିଂ**

ଭାରତୀୟ ଟେବଲ ଟେନିସ (ଟିଟି) ଯୋଡ଼ି ମାନବ ଠକ୍କର ଓ ମନୁଷ ଶାହ ଚଳିତ ଡବ୍ଲ୍ୟୁଟିଟି ଚାଇନା ସ୍ମାସ୍‌ର କ୍ୱାର୍ଟରଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ବୁଧବାର ମ୍ୟାଚ୍‌ରେ ଏହି ଭାରତୀୟ ଯୋଡ଼ି ୩-୨ (୧୧-୫, ୧୧-୬, ୨-୧୧, ୭-୧୧, ୧୨-୧୦)ରେ ସ୍ଥାନୀୟ ଖେଳାଳି ଚେନ୍ ଜୁନ୍‌ସୋଙ୍ଗ ଓ ଝେ କ୍ୱିହାଇଙ୍କୁ ହରାଇଥିଲେ।

ମଙ୍ଗଳବାର ମାନବ ପୁରୁଷ ଏକକର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ। ସେ ୩-୨ରେ ଫ୍ରାନ୍ସ ଭେଟେରାନ ସିମନ ଗେଜିଙ୍କୁ ୩-୨ରେ ହରାଇଥିଲେ। ଗତ ଏସୀୟ କ୍ରୀଡ଼ାରେ ମାନବ ଭାରତୀୟ ଦଳରେ ଥିଲେ ଏବଂ ଖାଲି ହାତରେ ଫେରିଥିଲେ। ଏସୀୟ କ୍ରୀଡ଼ାରେ ଭାରତକୁ ଟିଟିରୁ କେବଳ ଗୋଟିଏ କାଂସ୍ୟ ପଦକ ମିଳିଥିଲା। ମନୁଷ ଓ ଦିୟା ଚିତାଲେ ମିଶ୍ରିତ ଯୁଗଳରେ ଏହି ପଦକ ଜିତିଥିଲେ।



# ବିଦାୟୀ ଭାଷଣରେ ଚେତାବନୀ ଦେଲେ ଲିଓନେଲ ମେସି

**ନୂଆଦିଲ୍ଲୀ**

ଆର୍ଜେଣ୍ଟିନା ଜର୍ସିରେ ଲିଓନେଲ ମେସିଙ୍କ ଶେଷ ଅନ୍ତର୍ଜାତୀୟ ମ୍ୟାଚ୍ କେବଳ ଭାବବିହ୍ୱଳ କରି ନ ଥିଲା, ବରଂ ତାଙ୍କ ବିଦାୟୀ ଭାଷଣ ଆର୍ଜେଣ୍ଟିନା ଫୁଟବଲକୁ ଏକ ବଡ଼ ବାର୍ତ୍ତା ମଧ୍ୟ ଦେଇଛି। ବେନିନ ବିପକ୍ଷରେ ୩-୦ର ବିଜୟ ପରେ ମେସି ଦଳୀୟ ଏକତା ବଜାୟ ରଖିବାକୁ ନୂଆ ପିଢ଼ିର ଖେଳାଳିଙ୍କୁ ଆହ୍ୱାନ କରିଛନ୍ତି।

ବେନିନ ବିପକ୍ଷରେ ଆର୍ଜେଣ୍ଟିନା ୩-୦ରେ ବିଜୟୀ ହୋଇଥିବା ବେଳେ ମେସି ଗୋଟିଏ ଗୋଲ କରିଥିଲେ ଏବଂ ଦୁଇଟି ଗୋଲ୍‌ରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ମ୍ୟାଚ୍ ଶେଷ ହେବା ପରେ ଯେତେବେଳେ ସେ ମାଇକ ଧରିଥିଲେ, ସେତେବେଳେ ଷ୍ଟାଡିୟମର ପରିବେଶ ଭାବବିହ୍ୱଳ ହୋଇଯାଇଥିଲା। ମେସି ନିଜର ଦୀର୍ଘ ଅନ୍ତର୍ଜାତୀୟ ଯାତ୍ରାକୁ ସ୍ମରଣ କରିବା ସହ ଫ୍ୟାନ୍‌ମାନଙ୍କୁ ହୃଦୟରୁ ଧନ୍ୟବାଦ ଜଣାଇଥିଲେ। ବିଦାୟୀ ଭାଷଣରେ ମେସି କହିଥିଲେ, ଫ୍ୟାନ୍‌ମାନଙ୍କୁ ଧନ୍ୟବାଦ ଦେବା ପାଇଁ ତାଙ୍କ ପାଖରେ ଶବ୍ଦ ନାହିଁ। କଠିନ ସମୟରେ ମଧ୍ୟ ଫ୍ୟାନ୍‌ମାନେ ତାଙ୍କୁ ହାର ନ ମାନିବାକୁ ପ୍ରେରଣା ଦେଇଥିବା କଥା ସେ ସ୍ମରଣ କରିଥିଲେ। ଆର୍ଜେଣ୍ଟିନା ପାଇଁ ଖେଳିବା ମୋ ଜୀବନର ସବୁଠାରୁ ସୁନ୍ଦର ଅନୁଭବ। ଦେଶର ଜର୍ସି ପିନ୍ଧି ମାଇଦାନକୁ ଓହ୍ଲାଇବା ତାଙ୍କ ପାଇଁ ସର୍ବଦା ଗର୍ବର ବିଷୟ।

ମେସି ନିଜର ବିଶ୍ୱକପ ଅନୁଭବକୁ ମଧ୍ୟ ସ୍ମରଣ କରିଥିଲେ। ବିଶ୍ୱକପରେ ଦଳ ଦେଶବାସୀଙ୍କ ସ୍ୱପ୍ନ ପୂରଣ କରିବାର ନିକଟତର ହୋଇଥିବା କଥା ସେ କହିଥିଲେ। ଦଳର ପ୍ରତ୍ୟେକ ଖେଳାଳି ନିଜର ସମ୍ପୂର୍ଣ୍ଣ ଶକ୍ତି ଦେଇ ଲଢ଼ିଥିବା ମେସି କହିଥିଲେ। ତାଙ୍କ ସଫଳତା କେବଳ ନିଜର ନୁହେଁ, ଫ୍ୟାନ୍‌ମାନଙ୍କ ଭଲପାଇବା ଓ ସମର୍ଥନ ଯୋଗୁ ଏହି ସ୍ୱପ୍ନ ସାକାର ହୋଇଛି।

ମେସି ଆହୁରି ମଧ୍ୟ କହିଥିଲେ, ଆର୍ଜେଣ୍ଟିନାର ଜାତୀୟ ଦଳର ରଙ୍ଗ ଓ ଫ୍ୟାନ୍‌ମାନଙ୍କୁ ସେ ବହୁତ ମିସ କରିବେ। ଦେଶର ବିଭିନ୍ନ ସ୍ଥାନରେ ଏବଂ ବିଭିନ୍ନ ଟୁର୍ନାମେଣ୍ଟରେ ଫ୍ୟାନ୍‌ମାନେ ଯେପରି ସମର୍ଥନ କରିଛନ୍ତି, ତାହାକୁ ସେ କେବେ ଭୁଲିବେ ନାହିଁ ବୋଲି କହିଥିଲେ। ତେବେ ଜାତୀୟ ଦଳଠାରୁ ଦୂରେ ରହିଲେ ମଧ୍ୟ ନୂଆ ପିଢ଼ିର ଖେଳାଳିମାନଙ୍କ ସହ ରହିବେ ଏବଂ ସେମାନଙ୍କୁ ସମର୍ଥନ କରିବେ ବୋଲି ମେସି ସ୍ପଷ୍ଟ କରିଥିଲେ।

ଏହା ସହ କିଛି ଲୋକ ଆର୍ଜେଣ୍ଟିନା ଜାତୀୟ ଦଳକୁ ଜିତୁଥିବା ଦେଖିବାକୁ ଚାହାନ୍ତି ନାହିଁ ବୋଲି ମେସି ଚେତାବନୀ ଦେଇଥିଲେ। ତେଣୁ ଏଭଳି ପରିସ୍ଥିତି ବିରୋଧରେ ମଧ୍ୟ ଏକଜୁଟ ହୋଇ ରହିବାକୁ ସେ ଆହ୍ୱାନ କରିଥିଲେ।



# ଟେନିସ୍ ଇତିହାସରେ ଜୋକୋଭିଚ୍‌ଙ୍କ ନୂଆ ରେକର୍ଡ : ଜିତିଲେ କ୍ୟାରିୟରର ୧୦୨ତମ ଟାଇଟଲ୍

**ନୂଆଦିଲ୍ଲୀ**

ନୋଭାକ ଜୋକୋଭିଚ୍ ପୁଣିଥରେ ଟେନିସ୍ ଇତିହାସ ପୃଷ୍ଠାରେ ନିଜ ନାମକୁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିଛନ୍ତି। ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନୋରଙ୍କୁ ପରାସ୍ତ କରି ଜୋକୋଭିଚ୍ ନିଜ କ୍ୟାରିୟରର ସପ୍ତମ ଚାଇନା ଓପନ୍ ଟାଇଟଲ୍ ଜିତିଛନ୍ତି। ଏହି ବିଜୟ ସହିତ ସେ ଟେନିସ୍ ଜଗତର ସବୁଠାରୁ ବଡ଼ ରେକର୍ଡଗୁଡ଼ିକ ମଧ୍ୟରୁ ଅନ୍ୟତମ ରୋଜର ଫେଡେରରଙ୍କ କ୍ୟାରିୟର୍ ଟାଇଟଲ୍ ରେକର୍ଡର ମଧ୍ୟ ଅତି ନିକଟତର ହୋଇଯାଇଛନ୍ତି।

ଚାଇନା ଓପନ୍-୨୦୨୬ ଫାଇନାଲ ମ୍ୟାଚ୍‌ରେ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନୋର 'ଗ୍ରୋଇନ୍ ଇଞ୍ଜୁରି' କାରଣରୁ ମ୍ୟାଚ୍ ମଝିରୁ ଓହରିଯିବାକୁ ବାଧ୍ୟ ହୋଇଥିଲେ, ଯାହାଫଳରେ ଜୋକୋଭିଚ୍‌ଙ୍କୁ ବିଜେତା ଘୋଷଣା କରାଗଲା। ମ୍ୟାଚ୍ ବନ୍ଦ ହେବା ବେଳକୁ ଜୋକୋଭିଚ୍ ପ୍ରଥମ ସେଟ୍‌କୁ ୭-୬(୩) ରେ ନିଜ ନାମରେ କରିସାରିଥିଲେ ଏବଂ ଦ୍ୱିତୀୟ ସେଟ୍‌ରେ ୦-୧ ରେ ପଛୁଆ ଥିଲେ।

ଏହି ବିଜୟ କେବଳ ଜୋକୋଭିଚ୍‌ଙ୍କ ପାଇଁ ସ୍ୱତନ୍ତ୍ର ନୁହେଁ, ବରଂ ତାଙ୍କ ଚମତ୍କାର କ୍ୟାରିଅରର ଦୀର୍ଘତା ଓ ନିରନ୍ତରତାର ଏକ ଜ୍ୱଳନ୍ତ ଉଦାହରଣ ଅଟେ।

ଏହି ବିଜୟ ସହ ନୋଭାକ ଜୋକୋଭିଚ୍‌ଙ୍କ ସମୁଦାୟ ଇଞ୍ଚ ସିଙ୍ଗଲ୍ସ ଟାଇଟଲ୍ ସଂଖ୍ୟା ୧୦୨ରେ ପହଞ୍ଚିଛି। ସେ ବର୍ତ୍ତମାନ ରୋଜର ଫେଡେରରଙ୍କ ୧୦୩ଟି ଟାଇଟଲ୍ ରେକର୍ଡଠାରୁ ମାତ୍ର ଗୋଟିଏ ପାଦ ଦୂରରେ ଅଛନ୍ତି। ଓପନ୍ ଏରାରେ ସବୁଠାରୁ ଅଧିକ ସିଙ୍ଗଲ୍ସ ଟାଇଟଲ୍ ଜିତିବାର ରେକର୍ଡ ଜିମି କନର୍ସଙ୍କ (୧୦୯ଟି ଟାଇଟଲ୍) ନାମରେ ରହିଛି ଏବଂ ଜୋକୋଭିଚ୍ ବର୍ତ୍ତମାନ ଏହି ଐତିହାସିକ ରେକର୍ଡଠାରୁ କେବଳ ୭ଟି ଟାଇଟଲ୍ ଦୂରରେ ଅଛନ୍ତି।

ଏହି ବିଜୟ ଚାଇନା ଓପନ୍‌ରେ ଜୋକୋଭିଚ୍‌ଙ୍କ ଅପରାଜେୟ ଯାତ୍ରାକୁ ୩୪-୦ ରେ ପହଞ୍ଚାଇ ଦେଇଛି। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଏହା ତାଙ୍କ କ୍ୟାରିୟରର କ୍ରମାଗତ ୨୧ତମ ବର୍ଷ, ଯେଉଁଥିରେ ସେ ପ୍ରତିବର୍ଷ ଅତିକମରେ ଗୋଟିଏ ସିଙ୍ଗଲ୍ସ ଟାଇଟଲ୍ ନିଶ୍ଚିତ ଭାବେ ଜିତିଛନ୍ତି। ଏହି ପରିସଂଖ୍ୟାନ ଟେନିସ୍ କୋର୍ଟରେ ତାଙ୍କର ଫିଟନେସ୍, ମାନସିକ ଦୃଢ଼ତା ଏବଂ ଖେଳ ପ୍ରତି ଥିବା ସମର୍ପଣକୁ ପ୍ରମାଣିତ କରୁଛି।



ଫାଇନାଲ ମ୍ୟାଚ୍ ଆରମ୍ଭରୁ ହିଁ ବେଶ୍ ରୋମାଞ୍ଚକର ଓ ସଂଘର୍ଷପୂର୍ଣ୍ଣ ରହିଥିଲା। ପଞ୍ଚମ ସୀଡ୍ ଆଲେକ୍ସ ଡି ମିନୋର ପ୍ରଥମ ସେଟ୍‌ରେ ଜୋକୋଭିଚ୍‌ଙ୍କୁ କଡ଼ା ଟକ୍କର ଦେଇଥିଲେ। ସେ ନିଜର ଆକ୍ରମଣାତ୍ମକ ଗ୍ରାଉଣ୍ଡଷ୍ଟ୍ରୋକ୍ସର ଚମତ୍କାର ପ୍ରଦର୍ଶନ କରିବା ସହ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବ୍ରେକ୍ ପଏଣ୍ଟ ମଧ୍ୟ ସେଭ୍ କରିଥିଲେ। ଡି ମିନୋର ପ୍ରଥମ ସେଟ୍‌ରେ ନିଜର ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରି ୧୧ଟି ୱିନର୍ସ ମାରିଥିଲେ। ଯେଉଁଠି ଜୋକୋଭିଚ୍‌ଙ୍କ ର୍ୟାକେଟ୍‌ରୁ ମାତ୍ର ୩ଟି ୱିନର୍ସ ବାହାରିଥିଲା। ତେବେ ଟାଇବ୍ରେକ୍ ସମୟରେ ଡି ମିନୋର କିଛି ଅନାବଶ୍ୟକ ଭୁଲ୍ କରିବସିଥିଲେ, ଯାହାର ସମ୍ପୂର୍ଣ୍ଣ ଫାଇଦା ଉଠାଇ ଜୋକୋଭିଚ୍ ଟାଇବ୍ରେକ୍‌କୁ ୭-୩ ରେ ଜିତି ପ୍ରଥମ ସେଟ୍ ହାସଲ କରିଥିଲେ।

ପ୍ରଥମ ସେଟ୍ ଶେଷ ହେବା ପରେ ଦୁଇ ଖେଳାଳିଙ୍କୁ ମେଡିକାଲ୍ ସେବାର ଆବଶ୍ୟକତା ପଡ଼ିଥିଲା, ଯାହା ସ୍ପଷ୍ଟ କରୁଥିଲା ଯେ ଏହି ମ୍ୟାଚ୍ ଶାରୀରିକ ଭାବେ ବେଶ୍ କ୍ଳାନ୍ତିକର ଥିଲା। କିନ୍ତୁ ଦୁର୍ଭାଗ୍ୟବଶତଃ ଡି ମିନୋର ନିଜ ବାମ ଜଙ୍ଘରେ ବ୍ୟାଣ୍ଡେଜ୍ ବାନ୍ଧି ଖେଳିବା ସତ୍ତ୍ୱେ ମ୍ୟାଚ୍ ଜାରି ରଖିପାରିନଥିଲେ। ଟ୍ରଫି ପ୍ରଦାନ ଉତ୍ସବ ସମୟରେ ଡି ମିନୋର ବହୁତ ନିରାଶ ଦେଖାଯାଉ ଥିଲେ। ସେ ପ୍ରଶଂସକମାନଙ୍କୁ କ୍ଷମା ମାଗି କହିଥିଲେ ଯେ ସେ ଏଭଳି ଭାବେ ମ୍ୟାଚ୍‌ର ଅନ୍ତ ଚାହୁଁନଥିଲେ ଏବଂ ଆଶା ପ୍ରକାଶ କରିଥିଲେ ଯେ ଆସନ୍ତା ବର୍ଷ ସେ ପୁଣି ଏହି ଟୁର୍ଣ୍ଣାମେଣ୍ଟକୁ ପ୍ରତ୍ୟାବର୍ତ୍ତନ କରିବେ।

ଜୋକୋଭିଚ୍‌ଙ୍କ ଏହି ବର୍ଷର ଟାଇଟଲ୍ ଜିତିବା ଯାତ୍ରା କୌଣସି ଚ୍ୟାଲେଞ୍ଜଠାରୁ କମ୍ ନଥିଲା। ସେ ଏହି ଟୁର୍ଣ୍ଣାମେଣ୍ଟ ସମୟରେ କ୍ରମାଗତ ତିନିଟି ମ୍ୟାଚ୍‌ରେ ଶୀର୍ଷ-୧୦ ରାଙ୍କିଂ ଖେଳାଳିମାନଙ୍କୁ ପରାସ୍ତ କରିଥିଲେ। କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ସେ ଆଲେକ୍ସାଣ୍ଡର୍ ଜ୍ୱେରେଭ୍‌ଙ୍କୁ ହରାଇଥିବା ବେଳେ ସେମି ଫାଇନାଲରେ ତାଙ୍କର ମୁକାବିଲା ଦାନିଲ୍ ମେଦଭେଦେଭ୍‌ଙ୍କ ସହ ହୋଇଥିଲା। ସେମିଫାଇନାଲ ମ୍ୟାଚ୍ ସେତେବେଳେ ହଠାତ୍ ଶେଷ ହୋଇଯାଇଥିଲା, ଯେତେବେଳେ ଜଣେ ଦର୍ଶକଙ୍କୁ ବଲ୍ ବାଜିବା କାରଣରୁ ରୁଷୀୟ ଖେଳାଳି ମେଦଭେଦେଭ୍‌ଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଥିଲା।

ଅନ୍ୟପଟେ, ଡି ମିନୋର ମଧ୍ୟ ଫାଇନାଲ ପର୍ଯ୍ୟନ୍ତ ଯାତ୍ରା କରିବାରେ ସଫଳ ହୋଇଥିଲେ। ସେମି ଫାଇନାଲରେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ହୁବର୍ଟ ହୁରକାଚ୍ ମଧ୍ୟ ଆଘାତ କାରଣରୁ ମ୍ୟାଚ୍‌ରୁ ଓହରି ଯାଇଥିଲେ। ଡି ମିନୋର ନିଜ କ୍ୟାରିଅରର ପ୍ରଥମ ଚାଇନା ଓପନ୍ ଟାଇଟଲ୍ ସନ୍ଧାନରେ ଥିଲେ ଏବଂ ଏହି ବର୍ଷ ଫେବୃୟାରୀରେ ରଟରଡ୍ୟାମ୍‌ରେ ଟାଇଟଲ୍ ଜିତିବା ପରେ ସେ ଚଳିତ ସିଜନ୍‌ର ଦ୍ୱିତୀୟ ଟ୍ରଫି ପାଇଁ ପୂରା ଚେଷ୍ଟା କରିଥିଲେ।

# ଓଡ଼ିଶା ବନ୍ଦରୁ ଦୂରେଇ ରହିବ କଟକ ମାଲଗୋଦାମ୍

**କଟକ, ନ୍ୟୁଜ୍‌ବ୍ୟୁରୋ**

କଂଗ୍ରେସ ନେତୃତ୍ୱାଧୀନ 'ଇଣ୍ଡି' ମେଣ୍ଟ ପକ୍ଷରୁ ଗୁରୁବାର ଦିଆଯାଇଥିବା 'ଓଡ଼ିଶା ବନ୍ଦ' ଡାକରେ ସାମିଲ ହେବ ନାହିଁ କଟକ ମାଲଗୋଦାମ ବ୍ୟବସାୟୀ ସଂଘ। ହଠାତ୍ ବନ୍ଦ ଡାକରେ ସାମିଲ ହୋଇ ବ୍ୟବସାୟିକ କାରବାର ବନ୍ଦ କରିବା ସଂଘ ପକ୍ଷରେ ସମ୍ଭବ ନୁହେଁ ବୋଲି ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଛାଟୋଇ ସ୍ପଷ୍ଟ କରିଛନ୍ତି। ସଂଘ ପକ୍ଷରୁ କୁହାଯାଇଛି ଯେ, କୌଣସି ରାଜନୈତିକ ଦଳ କିମ୍ବା ସଂଗଠନ ଓଡ଼ିଶା ବନ୍ଦ କିମ୍ବା ଭାରତ ବନ୍ଦ ଡାକରା ଦେଲେ, ମାଲଗୋଦାମ ବ୍ୟବସାୟୀ ସଂଘ ନିକଟରେ ପ୍ରଥମେ ଲିଖିତ ଭାବେ ଅନୁରୋଧ କରାଯାଇଥାଏ। ଏହା ପରେ ସଂଘ ଏବଂ ଏହା ସହ ଜଡ଼ିତ ବିଭିନ୍ନ ବ୍ୟବସାୟିକ ଓ ଶ୍ରମିକ ସଂଗଠନ ସହ ଆଲୋଚନା କରାଯାଇ ସାମୂହିକ ଭାବେ ନିଷ୍ପତ୍ତି ନିଆଯାଏ। ଚଳିତ ବନ୍ଦ ପାଇଁ ସେଭଳି ପ୍ରକ୍ରିୟା ହୋଇନଥିବାରୁ ସଂଘ ବନ୍ଦରେ ସାମିଲ ହେଉନାହିଁ। ମାଲଗୋଦାମ ବ୍ୟବସାୟୀ ସଂଘ ସହ କଟକ ଚାମ୍ବର ଅଫ୍ କମର୍ସ, ରାଇସ୍ ମର୍ଚାଣ୍ଟ ଆସୋସିଏସନ୍, ରିଟେଲ୍ ଡିଲର୍ସ ଆସୋସିଏସନ୍, ଲେବର ଆସୋସିଏସନ୍ ଏବଂ ଟ୍ରକ୍-ଲରୀ ଆସୋସିଏସନ୍ ସମେତ ଅନ୍ୟାନ୍ୟ ସଂଗଠନ ଜଡ଼ିତ ଅଛନ୍ତି। ଏସବୁ ସଂଗଠନର ପ୍ରତିନିଧିଙ୍କ ସହ ଆଲୋଚନା ପରେ ହିଁ ମାଲଗୋଦାମ ସମ୍ପର୍କିତ ବଡ଼ ନିଷ୍ପତ୍ତି ନିଆଯାଇଥାଏ। ପ୍ରଫୁଲ୍ଲ ଛାଟୋଇ କହିଛନ୍ତି ଯେ, ମାଲଗୋଦାମ କେବଳ ଏକ ସାଧାରଣ ବ୍ୟବସାୟିକ କେନ୍ଦ୍ର ନୁହେଁ। ଏଠାରୁ ଚାଉଳ, ଡାଲି, ଗହମ ଭଳି ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ନିୟମିତ ଭାବେ ଯୋଗାଣ ହୋଇଥାଏ। କଟକ ସମେତ ରାଜ୍ୟର ପ୍ରାୟ ୬ରୁ ୭ଟି ଜିଲ୍ଲାର ବ୍ୟବସାୟୀ ଓ ଗ୍ରାହକ ମାଲଗୋଦାମରୁ ହେଉଥିବା ଯୋଗାଣ ଉପରେ ନିର୍ଭରଶୀଳ। ତେଣୁ ହଠାତ୍ କାରବାର ବନ୍ଦ କରିଦେଲେ ଏହାର ସିଧାସଳଖ ପ୍ରଭାବ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ଉପରେ ପଡ଼ିପାରେ। ଅନ୍ୟପକ୍ଷରେ, ଗଣତାନ୍ତ୍ରିକ ଅଧିକାର ଓ ଲୋକଙ୍କ ସ୍ୱାର୍ଥ ସୁରକ୍ଷା ସହ ବିଭିନ୍ନ ଦାବି ନେଇ 'ଇଣ୍ଡି' ମେଣ୍ଟ ପକ୍ଷରୁ ଏହି ବନ୍ଦ ଡାକରା ଦିଆଯାଇଛି। ଏସଆଇ ପ୍ରସଙ୍ଗ ସହ ଏମ୍‌ଏମ୍‌ଡିଆର ସଂଶୋଧନ ଆଇନ ସମ୍ପୂର୍ଣ୍ଣ ପ୍ରତ୍ୟାହାର, ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ତୁରନ୍ତ ବରଖାସ୍ତ, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଏବଂ ବନ୍ୟା ପ୍ରଭାବିତ ଲୋକଙ୍କୁ ତୁରନ୍ତ ରିଲିଫ୍ ଓ ପୁନର୍ବାସ ସହାୟତା ଯୋଗାଣ ଭଳି ଦାବି ନେଇ ମେଣ୍ଟ ଏହି ବନ୍ଦ ପାଳନ କରୁଛି।

ଜଳେଶ୍ୱର ପୌରପାଳିକା କାର୍ଯ୍ୟାଳୟ, ଜଳେଶ୍ୱର 13001/2083/2627
Office of the
Jaleswar Municipality, Jaleswar
Dist.: Balasore, Odisha 756032
Ph: (06781) 222407 E-mail: jaleswarmunicipality@gmail.com

No. 4722 Date: 6-10-2026

Notice for Cancellation
of Expression of Quotation Call Notice
No-4681 dt 01.10.2026

It is notified that, the Expression of Quotation Call Notice No-4681 dt 01.10.2026 invited for supply & Installation of Interium works (Sitting capacity of 10 Nos) regarding functioning of E-Library in Ward No-12 under Jaleshwar Municipality is hereby cancelled.

Sd/- Executive Officer
Jaleshwar Municipality
OIPR-13001/13126/1/26-27/0010

Government of Odisha "e" procurement Notice 34001/962/2627
OFFICE OF THE SUPERINTENDING ENGINEER, KORAPUT (R&B) DIVISION, KORAPUT
Bid Identification No. S.E (R&B) KPT- 11/ 2026-27

1. Name of the work: Building works
2. Total No. of works: 02 Nos.
3. Estimated cost: Rs. 3.35 to 8.64 Lakhs
4. Period of completion: 02 (Two) Month
5. Date & Time of availability of bid document in the portal: From 05.10.2026 at 11.00 hours to 15.10.2026 upto 17.00 hours
6. Last date/ Time for receipt of bids in the portal: 15.10.2026 upto 17.00 hours
7. Date of opening of Tender: 16.10.2026 at 12.00 hours
8. Name and address of the Officer Inviting Bid: Superintending Engineer, Koraput (R&B) Division

Further details can be seen from the e-procurement portal https://tendersorissa.gov.in

Sd/- Superintending Engineer
Koraput (R&B) Division
OIPR-34001/34096/1/26-27/0010

# ରମାକାନ୍ତ ମଣ୍ଡଳଙ୍କୁ ପିସ୍ ଆୱାର୍ଡ ପ୍ରଦାନ ଓ ପୁସ୍ତକ ଉନ୍ମୋଚନ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଗ୍ଲୋବାଲ୍ ପିସ୍ ଫାଉଣ୍ଡେସନର ଦଶମ ବାର୍ଷିକ ଉତ୍ସବ ଅନୁଷ୍ଠାନର ଅଧ୍ୟକ୍ଷ୍ୟ ଡାକ୍ତର ରାଜ କିଶୋର ପଣ୍ଡାଙ୍କ ଅଧ୍ୟକ୍ଷ୍ୟତାରେ ସରକାରୀ ବାଳିକା ବିଦ୍ୟାଳୟ ଯାଜପୁର ଟାଉନ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ 'ବିଶ୍ୱରେ ଶାନ୍ତି ସମ୍ଭବ କି ?' ଶୀର୍ଷକ ଆଲୋଚନାଚକ୍ରକୁ ଯାଜପୁରର ସାଂସଦ ଡ଼କ୍ଟର ରବୀନ୍ଦ୍ର ନାରାୟଣ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ ଯାଜପୁରର ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶ୍ୱ ଶାନ୍ତି ସମ୍ଭବ ଓ ଅସମ୍ଭବ ଉଭୟ ସପକ୍ଷରେ ଯୁକ୍ତି ବାଢ଼ି ଥିଲେ। ଗ୍ଲୋବାଲ ପିସ୍ ଫାଉଣ୍ଡେସନର ଅଧ୍ୟକ୍ଷ୍ୟ ଡାକ୍ତର ରାଜ କିଶୋର ପଣ୍ଡା ବିଶ୍ୱ ଶାନ୍ତି ଓ ଅଶାନ୍ତିର କାରଣ ଓ ନିରାକରଣ ଉପରେ ତଥ୍ୟ ଭିତ୍ତିକ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର ରବି ରାୟ ଗ୍ଲୋବାଲ୍ ପିସ୍ ଫାଉଣ୍ଡେସନର




ଆଭିମୁଖ୍ୟ ଓ ଡାକ୍ତର ରାଜକିଶୋର ପଣ୍ଡାଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ ଆଲୋଚନା ଚକ୍ରରେ ସମାଜସେବୀ ପଦ୍ମାକର ଗୁରୁ ନିର୍ଦ୍ଧାରିତ ବିଷୟବସ୍ତୁ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ସ୍ୱାଗତ ସଂଗୀତ ଓ ସ୍ୱାଗତ ନୃତ୍ୟ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ସମାଜସେବୀ ସତ୍ୟରଞ୍ଜନ କର ଅତିଥି ପରିଚୟ ଦେଇଥିବା ବେଳେ ସ୍ୱାଗତ ଅଭିଭାଷଣ ଦାମୋଦର ବେହେରା ଦେଇଥିଲେ। ଏହି ଅବସରରେ ସମାଜସେବୀ ସତ୍ୟରଞ୍ଜନଙ୍କ ଲିଖିତ 'ସମାଜର ଆଇନା' ଗପ ବହି ଅତିଥିମାନଙ୍କ ଦ୍ୱାରା ଶୁଭ ଉନ୍ମୋଚନ କରାଯାଇଥିଲା। ଗ୍ଲୋବାଲ୍ ପିସ୍ ଫାଉଣ୍ଡେସନର ପିସ ଆୱାର୍ଡ - ୨୦୨୬ ରମାକାନ୍ତ ମଣ୍ଡଳଙ୍କୁ ଦିଆ ଯାଇଥିଲା ବେଳେ ସେ ଅନୁଷ୍ଠାନ ଆଭିମୁଖ୍ୟକୁ ଉଚ୍ଚ ପ୍ରଶଂସା କରିଥିଲେ। ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ବିଜେତା ଛାତ୍ର ଛାତ୍ରୀମାନଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା ବେଳେ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରି ନିଜର ମୂଲ୍ୟବାନ ମତ ରଖି ଥିଲେ। ଗିରୀଶ ବିହାରୀ ମିଶ୍ର ଧନ୍ୟବାଦ ଦେଇଥିଲା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଓ କର୍ମଚାରୀମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ଆଇଆଇଟିଟିଏମ୍‌ରେ ପ୍ରକୃତି ସଂରକ୍ଷକ ଏବଂ ଇକୋଟୁରିଜିମ୍ ଗାଇଡ୍ ପାଠ୍ୟକ୍ରମର ଶୁଭାରମ୍ଭ

**ଭୁବନେଶ୍ୱର, ପିଆଇବି**

ଭୁବନେଶ୍ୱରସ୍ଥିତ ଆଇଆଇ-ଟିଟିଏମ୍‌ରେ ପ୍ରକୃତି ସଂରକ୍ଷକ ଓ ଇକୋଟୁରିଜିମ୍ ଗାଇଡ୍ ଉପରେ ଏକ ଜିଏସ୍‌ଡିପି ଆବାସିକ ପାଠ୍ୟକ୍ରମ ଆରମ୍ଭ ହୋଇଛି। ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଏବଂ ଡବ୍ଲୁଡବ୍ଲୁଏଫ ଇଆଇଏସିପି କାର୍ଯ୍ୟକ୍ରମ କେନ୍ଦ୍ରର ମିଳିତ ସହଯୋଗରେ ଏହି ପାଠ୍ୟକ୍ରମ ଆରମ୍ଭ କରାଯାଇଛି।

ବୁଧବାର ଚିଲିକା ବନ୍ୟପ୍ରାଣୀ ଡିଭିଜନର ଡିଏଫଓ ତଥା ଚିଲିକା ବିକାଶ ପ୍ରାଧିକରଣର ମୁଖ୍ୟ କାର୍ଯ୍ୟନିର୍ବାହୀ (ଅତିରିକ୍ତ ଦାୟିତ୍ୱ) ଅଧିକାରୀ ଅମ୍ଳାନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ପାଠ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଆଇଆଇଟିଟିଏମ୍ ଭୁବନେଶ୍ୱରର ନୋଡାଲ ଅଧିକାରୀ ତଥା ମୁଖ୍ୟ ପ୍ରଫେସର ଡକ୍ଟର ମହମ୍ମଦ ସବିର ହୁସେନ, ଅଧ୍ୟକ୍ଷ, ତାଲିମ ପ୍ରଫେସର ଡକ୍ଟର ଆଦ୍ୟାଶା ଦାସ ଉପସ୍ଥିତ ଥିଲେ।



୪୨୦ ଘଣ୍ଟାର ଏହି ପାଠ୍ୟକ୍ରମରେ ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ, ରାଜସ୍ଥାନ, ବିହାର, ପଶ୍ଚିମବଙ୍ଗ, ସିକ୍କିମ, ଓଡ଼ିଶା ଏବଂ ତାମିଲନାଡୁ ଆଦି ଆଠଟି ରାଜ୍ୟର ଯୁବପିଢ଼ି ଯୋଗ ଦେଇଛନ୍ତି। ଡବ୍ଲୁଡବ୍ଲୁଏଫ ଇଣ୍ଡିଆର ସଂରକ୍ଷଣ ପାଇଁ ବୈଷୟିକ ନିର୍ଦ୍ଦେଶକ ତଥା ଡବ୍ଲୁଡବ୍ଲୁଏଫ ଇଆଇଏସିପିର ସଂଯୋଜକ ଡକ୍ଟର ଜି. ଅରୀନ୍ଦ୍ରନଙ୍କ ମାର୍ଗଦର୍ଶନରେ ଏହି ପାଠ୍ୟକ୍ରମ କାର୍ଯ୍ୟକାରୀ କରାଯାଇଛି।

# 'ବିକଶିତ ଭାରତ ସଂକଳ୍ପ ସଭା' ଓ 'ସେବା ଜ୍ୟୋତି ଯାତ୍ରା'

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ମୁଖ୍ୟ ଭାବେ ସାର୍ବଜନୀନ ଜୀବନ ଓ ପ୍ରଜାସେବାର ସଫଳ ୨୫ ବର୍ଷ ପୂର୍ତ୍ତି ଏବଂ ମାସବ୍ୟାପୀ 'ସେବା ସଂକଳ୍ପ ଅଭିଯାନ' ଅନ୍ତର୍ଗତ ବୁଧବାର ସକାଳେ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ସମ୍ମୁଖ ପଡ଼ିଆଠାରେ 'ବିକଶିତ ଭାରତ ସଂକଳ୍ପ ସଭା' ଓ 'ସେବା ଜ୍ୟୋତି ଯାତ୍ରା' ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି।



ବୁଧବାର ପୂର୍ବାହ୍ନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀନ ଆଭାସୀ ମାଧ୍ୟମରେ ଦେଶର ୭୫୦ଟି ଜିଲ୍ଲାର ଜନସମୁଦ୍ରକୁ ସିଧାସଳଖ ସମ୍ବୋଧିତ କରିଥିଲେ। ଦେଶର ପ୍ରତ୍ୟେକ ନାଗରିକ ରାଷ୍ଟ୍ର ପ୍ରଥମ ଓ ରାଷ୍ଟ୍ରହିତକୁ ସର୍ବୋପରି ଚିନ୍ତା କରି କାର୍ଯ୍ୟ ସମ୍ପାଦନ କରନ୍ତୁ ବୋଲି ଆହ୍ୱାନ ଦେଇଥିଲେ। ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ର ଭାବେ ପରିଗଣିତ କରିବା ପାଇଁ ସମଗ୍ର ଦେଶବାସୀଙ୍କ ସହଯୋଗ କାମନା କରିଥିଲେ। ସମ୍ବଲପୁର ବିଜେପି ଜିଲ୍ଲା ସଭାପତି ରାମଚନ୍ଦ୍ର ମେହେରଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ, ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଯୋଗ ଦେଇଥିବା ବେଳେ ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ପୂର୍ବତନ ରେଙ୍ଗାଲି ବିଧାୟକ ନାଉରି ନାଏକ, ସମ୍ବଲପୁର ଜିଲ୍ଲା ବିଜେପି ପ୍ରଭାରୀ କାଳିନ୍ଦୀ ସାମଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲା।

ପ୍ରଧାନମନ୍ତ୍ରୀଙ୍କ ସେବା ଓ ସୁଶାସନର ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇବା, ପ୍ରତ୍ୟେକ ଜନକଲ୍ୟାଣକାରୀ ଯୋଜନାକୁ ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚାଇବା ସହ ଭାରତକୁ ଏକ ସମୃଦ୍ଧ ରାଷ୍ଟ୍ର କରିବା ପାଇଁ ଏହି ମହାଯଜ୍ଞରେ ସାମିଲ ହେବାକୁ ଉପସ୍ଥିତ ନେତୃବୃନ୍ଦ ଆହ୍ୱାନ ଦେଇଛନ୍ତି। ଜିଲ୍ଲା ସାଧାରଣ ସମ୍ପାଦକ ସମୀର ରଞ୍ଜନ ବାବୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନ୍ୟତମ ଜିଲ୍ଲା ସାଧାରଣ ସମ୍ପାଦକ ଆଶିଷ କୁମାର ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସ୍ୱତନ୍ତ୍ର ପରିଷଦ ଅଧ୍ୟକ୍ଷ ଭାଗିନ୍ଦ୍ର କିଷାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ର, ସଦସ୍ୟା ସବିତା ନନ୍ଦ, ରାଜ୍ୟ ପ୍ରବକ୍ତା ମାନସ ରଞ୍ଜନ ବକ୍ସି, ପ୍ରମୁଖ ମଞ୍ଚାସୀନ ଥିଲେ।

ବରିଷ୍ଠ ସାମାଜିକ କର୍ମୀ କାର୍ତ୍ତିକ ବହିଦାର ଉପସ୍ଥିତ ବିଜେପି ପଦାଧିକାରୀ, କାର୍ଯ୍ୟକର୍ତ୍ତା, ସମର୍ଥକ ଓ ଜନସାଧାରଣଙ୍କୁ ବିକଶିତ ଭାରତ ଗଠନ ର ସଂକଳ୍ପକୁ ଶପଥ କରେଇଥିବା ବେଳେ ଅସୀମ ପ୍ରଧାନ କାର୍ଯ୍ୟକ୍ରମରେ ଉଦ୍‌ଘୋଷକ କାର୍ଯ୍ୟ ସମ୍ପାଦନ କରିଥିଲେ। ଶେଷରେ କାର୍ଯ୍ୟକ୍ରମ ସ୍ଥଳରୁ ନେତୃମଣ୍ଡଳୀ ଓ ଉପସ୍ଥିତ ଜନସାଧାରଣ ପଦଯାତ୍ରା କରି ସେବା ଜ୍ୟୋତି ମଶାଲକୁ ନେଇ 'ସେବା ଜ୍ୟୋତି ଛକ' ଠାରେ ପ୍ରତୀକାତ୍ମକ ସ୍ଥାପନା କରାଯାଇ ଥିଲା। କାର୍ଯ୍ୟକ୍ରମ ରେ ଦାମୋଦର କର, ଅନିଲ ବେହେରା, ଫଣି ଭୂଷଣ ମିଶ୍ର, ନିରଞ୍ଜନ ଦାସ, ଗୁରଦୀପ ସିଂ, ପ୍ରଭୁଦତ୍ତ ପଣ୍ଡା, ହରବ୍ରତ ସେନାପତି, ସୁଷମା ସାହୁଙ୍କ ସମେତ ଅନେକ ଜିଲ୍ଲା ପଦାଧିକାରୀ, କର୍ମକର୍ତ୍ତା, ସମର୍ଥକ ଉପସ୍ଥିତ ଥିଲେ।



# ଉତ୍କଳ ଆଲୁମିନା ସିଏସଆର ପକ୍ଷରୁ ୬୧୨ ଜଣ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଟେଷ୍ଟ ପେପର ବଣ୍ଟନ

**ଟିକିରି, ନ୍ୟୁଜ ବ୍ୟୁରୋ**



ଉତ୍କଳ ଆଲୁମିନା ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ପକ୍ଷରୁ ପ୍ଲାଣ୍ଟ ନିକଟବର୍ତ୍ତୀ ଅଞ୍ଚଳରେ ଶିକ୍ଷାର ବିକାଶ ଓ ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ପ୍ରଦର୍ଶନରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ଏହାର ସିଏସଆର୍ ବିଭାଗ ପକ୍ଷରୁ ଚଳିତ ବର୍ଷ ମଧ୍ୟ ଟେଷ୍ଟ ପେପର ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏହି ପରିପ୍ରେକ୍ଷୀରେ ପ୍ଲାଣ୍ଟ ନିକଟବର୍ତ୍ତୀ ୮ଟି ସରକାରୀ ଉଚ୍ଚ ବିଦ୍ୟାଳୟର ୬୧୨ ଜଣ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ଉପକୃତ ହେବେ ନେଇ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ ଆଜି ସରକାରୀ ଉଚ୍ଚ ବିଦ୍ୟାଳୟ, ଟିକିରି ଠାରେ ହୋଇଥିବା ବେଳେ ବିଦ୍ୟାଳୟର ୨୩୦ ଜଣ ଛାତ୍ରଛାତ୍ରୀଙ୍କୁ ଟେଷ୍ଟ ପେପର ବଣ୍ଟନ କରାଯାଇଛି । ଆସନ୍ତା ଦୁଇ ଦିନ ମଧ୍ୟରେ ସରକାରୀ ଉଚ୍ଚ ବିଦ୍ୟାଳୟ, ହାଡ଼ିଗୁଡ଼ା; ସରକାରୀ ଉଚ୍ଚ ବିଦ୍ୟାଳୟ, କେଡ଼ିଆଳି; ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟ, ଗୋରଖପୁର; ଏସ୍‌ଏସ୍‌ଡି ହାଇସ୍କୁଲ, ଥୁଟିବାର; ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟ, ଡଙ୍ଗାସିଲ; ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଟିକିରି ଏବଂ ପଞ୍ଚାୟତ ହାଇସ୍କୁଲ, କୁଟେରଗୁଡ଼ାର ଛାତ୍ରଛାତ୍ରୀଙ୍କୁ ମଧ୍ୟ ଟେଷ୍ଟ ପେପର ବଣ୍ଟନ କରାଯିବ । ଏହି କାର୍ଯ୍ୟକ୍ରମରେ ସିଏସଆର୍ ମୁଖ୍ୟ ଲୋପାମୁଦ୍ରା ମିଶ୍ର, ଦିଗନ୍ତ ମହାନ୍ତି ଓ ଶ୍ରୀମତୀ ସତ୍ୟଭାମା ନାୟକଙ୍କ ସମେତ ଏସ୍‌ଏମ୍‌ସି ସଭାପତି ସିଉ ମାଝୀ, ଟିକିରି ସରପଞ୍ଚ ଜଗନ୍ନାଥ ମାଝୀ ଏବଂ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ ।

# ଏଏମ୍/ଏନ୍ଏସ୍ ଇଣ୍ଡିଆ ପକ୍ଷରୁ ଜାତୀୟ ପୋଷଣ ମାସ ପାଳିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଆର୍ସେଲରମିତ୍ତଲ ନିପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ) ପକ୍ଷରୁ ଏହାର ପ୍ରମୁଖ ସିଏସଆର ପ୍ରକଳ୍ପ 'ଆରୋଗ୍ୟ' ଅନ୍ତର୍ଗତ ସ୍ଥାନୀୟ ଲୋକମାନଙ୍କ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ପ୍ରତି ପ୍ରତିବଦ୍ଧତାର ଏକ ଅଂଶସ୍ୱରୂପ ଓଡ଼ିଶାରେ ଏହାର ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ଜାତୀୟ ପୋଷଣ ମାସ ପାଳିତ ହୋଇଯାଇଛି। ପାରାଦ୍ୱୀପରେ, ବିଶେଷ ଭାବେ ମହିଳା ଓ କିଶୋରୀମାନଙ୍କ ମଧ୍ୟରେ ପୋଷଣ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ପାଇଁ ନୂଆଗଡ଼ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଏବଂ ଚକ୍ରଧରପୁର ଅଙ୍ଗନୱାଡ଼ି କେନ୍ଦ୍ରରେ ସଚେତନତା ଅଧିବେଶନ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନୂଆଗଡ଼ ସରପଞ୍ଚ ଶ୍ରୀ ଦେବେନ୍ଦ୍ର ରାଉତ ଏବଂ ଏଏମ୍/ଏନ୍ଏସ୍ ଇଣ୍ଡିଆ ଓଡ଼ିଶାର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ରାଜେଶ ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଡାକ୍ତର ମିଶ୍ର ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରି ସାମଗ୍ରିକ ସ୍ୱାସ୍ଥ୍ୟ, ଶାରୀରିକ ବିକାଶ ଏବଂ କଲ୍ୟାଣ ପାଇଁ ଆବଶ୍ୟକୀୟ ପୋଷକ ତତ୍ତ୍ୱ ଉପରେ ଏକ ସନ୍ତୁଳିତ ଆହାର ଗ୍ରହଣ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, ଏଏନ୍ଏମ୍ କର୍ମଚାରୀ, କିଶୋରୀ ଏବଂ ନିକଟବର୍ତ୍ତୀ ଗ୍ରାମର ମହିଳାମାନଙ୍କୁ ମିଶାଇ ୨୦୦ ରୁ ଅଧିକ ଜଣ ଅଂଶଗ୍ରହଣ କରିଥିଲେ। ସେହିଭଳି ଏକ ସଚେତନତା ଅଧିବେଶନ କଲମାଙ୍ଗ ଏବଂ ସାରାସାହି ଗ୍ରାମର ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ମଧ୍ୟ ଆୟୋଜନ କରାଯାଇଥିଲା, ଯେଉଁଥିରେ ୧୦୦ ରୁ ଅଧିକ ସ୍ଥାନୀୟ ମହିଳା, ଶିଶୁ, ସ୍କୁଲ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏବଂ ତୃଣମୂଳ ସ୍ତରର ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ। ଏଠାରେ ଏଏମ୍/ଏନ୍ଏସ୍ ଇଣ୍ଡିଆ, କଲମାଙ୍ଗର ସିଏସଆର ଡିସପେନସାରିର ଚିକିତ୍ସା ଅଧିକାରୀ ଡାକ୍ତର ଅନିଲ ମହାନ୍ତି ଏବଂ ଏଏମ୍/ଏନ୍ଏସ୍ ଇଣ୍ଡିଆର ମୋବାଇଲ୍ ମେଡିକାଲ୍ ୟୁନିଟ୍ ଡାକ୍ତର ଶ୍ରୀକାନ୍ତ ରଥ ଉପସ୍ଥିତ ଲୋକମାନଙ୍କୁ ସମ୍ବୋଧିତ କରି ସନ୍ତୁଳିତ ପୁଷ୍ଟିକର ଏବଂ ସ୍ୱାସ୍ଥ୍ୟକର ଖାଦ୍ୟାଭ୍ୟାସର ସୁଫଳ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଉପସ୍ଥିତ ଲୋକମାନେ କୁପୋଷଣ ଚକ୍ରକୁ ଭାଙ୍ଗିବା ଏବଂ ଏକ ସୁସ୍ଥ ଭବିଷ୍ୟତ ଗଠନ ଦିଗରେ କାର୍ଯ୍ୟ କରିବାକୁ ଶପଥ ନେଇଥିଲେ।

# ଏସ୍‌ବିଆଇ ଜେନେରାଲ୍‌ର ହେଲ୍‌ଥ ଆଲ୍‌ଫାରେ ଗୋଟିଏ ପ୍ଲାନ୍ ଅଧୀନରେ ସମଗ୍ର ସ୍ୱାସ୍ଥ୍ୟ ସୁବିଧା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭାରତୀୟମାନଙ୍କ ଜୀବନଶୈଳୀରେ ପରିବର୍ତ୍ତନ ସହିତ ସ୍ୱାସ୍ଥ୍ୟ ପ୍ରତି ବିପଦ ମଧ୍ୟ ବଦଳିଛି । ଯୁବବର୍ଗଙ୍କ ଚଳଚଂଚଳ ଜୀବନଶୈଳୀ ପାଇଁ ସ୍ୱାସ୍ଥ୍ୟ ସୁରକ୍ଷା ଦରକାର ହୋଇଥାଏ। କିନ୍ତୁ ପରିବାର ଗଠନ ସମୟରେ ମାତୃତ୍ୱ ଓ ଅନ୍ୟାନ୍ୟ ପରିବାର ଯୋଜନା ସମ୍ପର୍କିତ ଆବଶ୍ୟକତା ପୂରଣ କରୁଥିବା ପ୍ଲାନ୍ ଦରକାର। ବୟସ ସହିତ ପ୍ରତିଷେଧମୂଳକ ସ୍ୱାସ୍ଥ୍ୟସେବା, ସ୍ୱତନ୍ତ୍ର ଚିକିତ୍ସା ଓ ଗୁରୁତର ଅସୁସ୍ଥତା ବିରୋଧରେ ସୁରକ୍ଷା ଜରୁରୀ। ସ୍ୱାସ୍ଥ୍ୟସେବା ଆବଶ୍ୟକତାର ଏହି ପରିବର୍ତ୍ତନ ଅନୁସାରେ ସ୍ୱାସ୍ଥ୍ୟ ବୀମା ସମାଧାନ ଜରୁରୀ ହୋଇପଡ଼ିଛି। ଏହାକୁ ନଜରରେ ରଖି ଏସ୍‌ବିଆଇ ଜେନେରାଲ୍ ଇନ୍ସ୍ୟୁରାନ୍ସ ପକ୍ଷରୁ ହେଲ୍‌ଥ ଆଲ୍‌ଫା ଅଣାଯାଇଛି ଯେଉଁଥିରେ ଗୋଟିଏ ଉତ୍ପାଦ ଅଧୀନରେ ବ୍ୟାପକ ସ୍ୱାସ୍ଥ୍ୟ ସୁରକ୍ଷା ରହିଛି ଯାହା ଆଜିର ଗ୍ରାହକମାନଙ୍କ ପରିବର୍ତ୍ତିତ ସ୍ୱାସ୍ଥ୍ୟ ଆବଶ୍ୟକତାକୁ ଦର୍ଶାଉଛି । ଜୀବନର ବିଭିନ୍ନ ପର୍ଯ୍ୟାୟ ଓ ପ୍ରାଥମିକତାକୁ ନଜରରେ ରଖି ପ୍ରସ୍ତୁତ କରାଯାଇଥିବା ଏହି ଉତ୍ପାଦରେ ପାରମ୍ପରିକ ହସ୍ପିଟାଲରେ ଭର୍ତ୍ତି ଜନିତ ଖର୍ଚ୍ଚଠାରୁ ଅଧିକ କିଛି ସୁବିଧା ରହିଛି ଯାହା ଗ୍ରାହକମାନଙ୍କୁ ସ୍ୱାସ୍ଥ୍ୟ ସୁରକ୍ଷା କ୍ଷେତ୍ରରେ ଏକ ସାମଗ୍ରିକ ଆଭିମୁଖ୍ୟ ପ୍ରଦାନ କରିବ। ଏସ୍‌ବିଆଇ ଜେନେରାଲ୍ ଇନ୍ସ୍ୟୁରାନ୍ସର ହେଲ୍‌ଥ ଆଲ୍‌ଫାରେ ରହିଛି ସହାୟକ ପ୍ରଜନନ ଚିକିତ୍ସା ଓ ମାତୃତ୍ୱ ଓ ନବଜାତକ ଯତ୍ନ ସୁବିଧା। ଏହା ୨୬-୩୦ ବର୍ଷ ବୟସର ଓ ୩୦-୪୫ ବର୍ଷ ସମୟର ଅଭିଭାବକମାନଙ୍କ ପାଇଁ ବିଶେଷ ଭାବେ ଜରୁରୀ। ଏଥିରେ ପ୍ରତିଷେଧମୂଳକ ସ୍ୱାସ୍ଥ୍ୟ ଯାଂଚ ଓ ଇ-ଓପିନିଅନ୍ ସୁବିଧା ରହିଛି। ସୁସ୍ଥକର ଜୀବନ ବଂଚିବାକୁ ଚାହୁଥିବା ଯୁବବର୍ଗ ଓ ସମ୍ଭାବ୍ୟ ସ୍ୱାସ୍ଥ୍ୟ ବିପଦ ଉପରେ ନଜର ରଖିବାକୁ ଚାହୁଁଥିବା ବୟସ୍କ ଗ୍ରାହକମାନଙ୍କ ପାଇଁ ପ୍ରତିଷେଧମୂଳକ ସ୍ୱାସ୍ଥ୍ୟସେବା ଜରୁରୀ ହୋଇପଡ଼ିଛି। ଏହା ଗ୍ରାହକମାନଙ୍କୁ ସ୍ୱାସ୍ଥ୍ୟ ପ୍ରତି ପ୍ରତ୍ୟକ୍ଷ ଆଭିମୁଖ୍ୟ ବଜାୟ ରଖିବାରେ ସହାୟକ ହେବ। ଚଳଚଂଚଳ ଜୀବନଯାପନ କରୁଥିବା ୨୫ ବର୍ଷରୁ ଅଧିକ ଗ୍ରାହକଙ୍କୁ ନଜରରେ ରଖି ଏହି ପ୍ଲାନ୍‌ରେ କ୍ରୀଡ଼ା ଓ ଦୈନନ୍ଦିନ ଫିଟ୍‌ନେସ୍ କାର୍ଯ୍ୟକଳାପ ସମ୍ପର୍କିତ ସୁରକ୍ଷା ସାମିଲ କରାଯାଇଛି। ରୋମାଂଚକର କ୍ରୀଡ଼ା, ଜିମ୍ ଓ କ୍ରୀଡ଼ା ଆଘାତ ଆଦି କ୍ଷେତ୍ରରେ ଏହା ସ୍ପେସାଲିଷ୍ଟ ପରାମର୍ଶ, ନିଦାନ, ଔଷଧ ଓ ଫିଜିଓଥେରାପି ସୁବିଧା ପ୍ରଦାନ କରୁଛି। ଏହି ପ୍ଲାନର ଲାଭ ଭାରତ ବାହାରେ ମଧ୍ୟ ମିଳିବ। କାମ ପାଇଁ ଅନ୍ତର୍ଜାତୀୟ ଭ୍ରମଣରେ ଯାଉଥିବା ୩୦-୫୦ ବର୍ଷ ବୟସର ଲୋକମାନଙ୍କ ପାଇଁ ଏଥିରେ ଯୋଗ୍ୟ ସ୍ୱାସ୍ଥ୍ୟ ଓ ସୁରକ୍ଷା ସୁବିଧା ରହିଛି। ଏଥିରେ ସେମାନଙ୍କ ପାଇଁ ଗୁରୁତର ଅସୁସ୍ଥତା ସୁରକ୍ଷା ସାମିଲ କରାଯାଇଛି ଯାହା ୫୦ ବର୍ଷରୁ ଅଧିକ ବୟସର ଲୋକମାନଙ୍କ ପାଇଁ ଜରୁରୀ। ଏହି ପ୍ଲାନ୍ ଗ୍ରାହକମାନଙ୍କୁ ଅସୀମିତ ବୀମା ରାଶିକୁ ପୁନଃ ସ୍ଥାପନ କରିବା ଏବଂ ୧୦ ଗୁଣା କ୍ରମବର୍ଦ୍ଧିଷ୍ଣୁ ବୋନସର ମଧ୍ୟ ସୁବିଧା ପ୍ରଦାନ କରୁଛି। ପ୍ରଥମ ଦାବି ଉପସ୍ଥାପନ କରିବା ପରେ ବୀମା ରାଶିକୁ ପୁନଃ ସ୍ଥାପିତ କରିବାର ସୁଯୋଗ ମିଳିବ। ଏଥି ସହିତ ପ୍ରତି ଦାବି ମୁକ୍ତ ବର୍ଷ ପାଇଁ ବୋନସ୍ ରହିବ। ଏଥିରେ "ପ୍ଲାନ୍ ଆହେଡ୍ ବେନିଫିଟ୍' ମଧ୍ୟ ରହିଛି ଯେଉଁଥିରେ ପଲିସିଧାରକ ସେମାନଙ୍କ ଜୀବନର ଗୁରୁତ୍ୱପୂର୍ଣ୍ଣ ସମୟ ପାଇଁ ବୀମାରାଶିକୁ ବଢ଼ାଇପାରିବେ ଯାହା ଫଳରେ ତାଙ୍କ ସୁରକ୍ଷା ବଢ଼ିବ ଓ ତାଙ୍କ ପରିବର୍ତ୍ତିତ ସ୍ୱାସ୍ଥ୍ୟସେବା ଆବଶ୍ୟକତା ପୂରଣ ହୋଇପାରିବ। ହେଲ୍‌ଥ ଆଲ୍‌ଫା ଜରିଆରେ ଏସ୍‌ବିଆଇ ଜେନେରାଲ୍ ଇନ୍ସ୍ୟୁରାନ୍ସ ଗ୍ରାହକ କେନ୍ଦ୍ରିକ ସମାଧାନ ବିକାଶ କରିବାରେ ଲକ୍ଷ୍ୟକୁ ଆଗକୁ ବଢ଼ାଇବ ଯାହା ସ୍ୱାସ୍ଥ୍ୟସେବା କ୍ଷେତ୍ରର ବାସ୍ତବତା ଏବଂ ସ୍ୱାସ୍ଥ୍ୟ ସଚେତନ ଭାରତର ଅଭିଲାଷକୁ ପ୍ରତିଫଳିତ କରିବ।



ଝାରସୁଗୁଡା : ଅନୁଭୂତିମୂଳକ ବିଜ୍ଞାନ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଜେଏସ୍‌ଡବ୍ଲୁ ଫାଉଣ୍ଡେସନ୍ ଝାରସୁଗୁଡ଼ାରେ ମୋବାଇଲ୍ ବିଜ୍ଞାନ ପ୍ରଦର୍ଶନୀ ଆରମ୍ଭ କରିଛି । (ଫଟୋ : ସମ୍ବାଦ କଳିକା)

# ପାର୍ବଣ ଋତୁ ପାଇଁ ଚାଲିବ ସିଆଲଦାହ ଏବଂ ଖୋର୍ଦ୍ଧା ରୋଡ୍ ମଧ୍ୟରେ ପୂଜା ସ୍ପେଶାଲ୍ ଟ୍ରେନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆଗାମୀ ଦୁର୍ଗାପୂଜା ଓ ଦୀପାବଳି ପାର୍ବଣ ଋତୁରେ ଯାତ୍ରୀ ଭିଡ଼ ବୃଦ୍ଧି ପାଇବାର ସମ୍ଭାବନାକୁ ଦୃଷ୍ଟିରେ ରଖି, ଯାତ୍ରୀମାନଙ୍କ ସୁବିଧାଜନକ ଯାତ୍ରା ସୁନିଶ୍ଚିତ କରିବା ସହ ଅତିରିକ୍ତ ଯାତ୍ରୀ ଭିଡ଼ ହ୍ରାସ କରିବା ଉଦ୍ଦେଶ୍ୟରେ ଗୁରୁତ୍ୱପୂର୍ଣ୍ଣ ରୁଟ୍ ଗୁଡ଼ିକରେ ଅତିରିକ୍ତ ପୂଜା ସ୍ପେଶାଲ୍ ଟ୍ରେନ ଚଳାଚଳ କରାଯିବ। ଟ୍ରେନ ନମ୍ବର ୦୩୧୦୧ ସିଆଲଦାହ–ଖୋର୍ଦ୍ଧା ରୋଡ୍ ସ୍ପେଶାଲ୍ ପ୍ରତ୍ୟେକ ଶନିବାର ଅକ୍ଟୋବର ୧୭, ୨୪ ଓ ୩୧ ଏବଂ ନଭେମ୍ବର ୦୭, ୧୪, ୨୧ ଓ ୨୮ରେ ଚଳାଚଳ କରିବ। ଫେରିବା ମାର୍ଗରେ ଟ୍ରେନ୍ ନମ୍ବର ୦୩୧୦୨ ଖୋର୍ଦ୍ଧା ରୋଡ୍–ସିଆଲଦାହ ସ୍ପେଶାଲ୍ ପ୍ରତ୍ୟେକ ରବିବାର ଅକ୍ଟୋବର ୧୮ ଓ ୨୫, ଏବଂ ନଭେମ୍ବର ୦୧, ୦୮, ୧୫, ୨୨ ଓ ୨୯ରେ ଚଳାଚଳ କରିବ। ଟ୍ରେନ୍ ନମ୍ବର ୦୩୧୦୧ ସିଆଲଦାହ–ଖୋର୍ଦ୍ଧା ରୋଡ୍ ସ୍ପେଶାଲ୍ ସିଆଲଦାହରୁ ରାତି ୧୧:୫୦ ରେ ଛାଡ଼ି ପରଦିନ ସକାଳ ୦୮:୨୦ ରେ ଖୋର୍ଦ୍ଧା ରୋଡ୍ ରେ ପହଂଚିବ। ଫେରିବା ମାର୍ଗରେ ଟ୍ରେନ୍ ନମ୍ବର ୦୩୧୦୨ ଖୋର୍ଦ୍ଧା ରୋଡ୍–ସିଆଲଦାହ ସ୍ପେଶାଲ୍ ଖୋର୍ଦ୍ଧା ରୋଡ୍ ରୁ ଅପରାହ୍ନ ୦୪:୪୦ ରେ ଛାଡ଼ି ପରଦିନ ରାତି ୦୨:୦୦ ରେ ସିଆଲଦାହରେ ପହଂଚିବ। ଏହି ସ୍ପେଶାଲ୍ ଟ୍ରେନ୍ ର ସିଆଲଦାହ ଓ ଖୋର୍ଦ୍ଧା ରୋଡ୍ ଷ୍ଟେସନ ବ୍ୟତୀତ ଆନ୍ଦୁଲ, ଖଡ଼ଗପୁର, ବାଲେଶ୍ୱର, ଭଦ୍ରକ, କଟକ ଓ ଭୁବନେଶ୍ୱର ଷ୍ଟେସନରେ ଉଭୟ ଦିଗରେ ରହଣି କରିବ। ଯାତ୍ରୀମାନଙ୍କୁ ଟ୍ରେନ୍ ଚଳାଚଳରେ ଏହି ପରିବର୍ତ୍ତନକୁ ଧ୍ୟାନରେ ରଖି ନିଜର ଯାତ୍ରା ଯୋଜନା କରିବାକୁ ପରାମର୍ଶ। ଟ୍ରେନ୍ ସମ୍ବନ୍ଧୀୟ ଅପଡେଟ୍ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ 'ନ୍ୟାସନାଲ୍ ଟ୍ରେନ୍ ଏନକ୍ୱାରୀ ସିଷ୍ଟମ୍ କୁ ଭିଜିଟ୍ କରନ୍ତୁ କିମ୍ବା ରେଳବାଇର ଅଫିସିଆଲ୍ ୱେବସାଇଟ୍ ଯାଂଚ କରିପାରିବେ ।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିକଶିତ ଭାରତ ଜୀବନର...

ଦେଶ ପାଇଁ ନିଃସ୍ୱାର୍ଥ କର୍ମ ହିଁ ତାଙ୍କ ପାଇଁ ସବୁକିଛି ଏବଂ କର୍ମ ହିଁ ତାଙ୍କର ଧର୍ମ। ତାଙ୍କ ପାଇଁ କର୍ମ କେବଳ ଦାୟିତ୍ୱ ନୁହେଁ, ବରଂ ଦେଶ ପ୍ରତି ସାଧନା। ଫଳ କିମ୍ବା ଶ୍ରେୟର ଚିନ୍ତା ନକରି ଦେଶର ସେବା କରିବା ହିଁ ତାଙ୍କର ସଂକଳ୍ପ ରହିଛି ବୋଲି ସେ କହିଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଆଗାମୀ ଦିନରେ ପ୍ରତିଭା, ପ୍ରଯୁକ୍ତି, ନବସୃଜନ, କ୍ରୀଡ଼ା, ମହାକାଶ ଓ ଉତ୍ପାଦନ ସମେତ ବିଭିନ୍ନ କ୍ଷେତ୍ରରେ ଭାରତ ବିଶ୍ୱର ନେତୃତ୍ୱ ନେଇପାରିବ। ବିକଶିତ ଭାରତର ଲକ୍ଷ୍ୟ ହାସଲ ପାଇଁ ସାମୂହିକ ପ୍ରୟାସ ଜରୁରୀ ବୋଲି ସେ କହିଛନ୍ତି।

ସେ କହିଛନ୍ତି, "ରାଷ୍ଟ୍ର ପ୍ରଥମ ମୋର ସଂକଳ୍ପ ହେବ, ରାଷ୍ଟ୍ରର ସମୃଦ୍ଧି ମୋର ପ୍ରାଣ ରହିବ, ରାଷ୍ଟ୍ରର ସେବା ମୋର ଲକ୍ଷ୍ୟ ରହିବ ଏବଂ କର୍ମ ମୋର ଧର୍ମ ରହିବ।" ସେ ନିଜ ସଂକଳ୍ପକୁ ଦୋହରାଇ କହିଛନ୍ତି, "ଯେ ପର୍ଯ୍ୟନ୍ତ ଭାରତ ବିକଶିତ ନ ହୋଇଛି, ସେପର୍ଯ୍ୟନ୍ତ ମୁଁ ନା ଅଟକିବି, ନା ଥକିବି, ନିଜ ପଥରୁ ବିଚ୍ୟୁତ ହେବି ନାହିଁ।"

ମୋଦୀ କହିଛନ୍ତି, "ଆଜିର ଏହି ଦିନ କେବଳ ସ୍ମୃତି ପାଇଁ ନୁହେଁ। ଏହା ଆମ ସଂକଳ୍ପକୁ ନୂଆ ଶକ୍ତିରେ ପୂର୍ଣ୍ଣ କରିବାର ଦିନ। ଏହା ସେହି ପ୍ରତିଶ୍ରୁତିକୁ ଦୋହରାଇବା ଏବଂ ସେହି ଉଦ୍ଦେଶ୍ୟକୁ ପ୍ରକାଶ କରିବାର ଦିନ, ଯାହା କହେ- ଆମେ କରିକି ରହିବୁ। ମୋର ଅଧିକାର କେବଳ ମୋର କର୍ମ ଉପରେ, ତେଣୁ ମୁଁ କର୍ମକୁ ନିଜ କର୍ତ୍ତବ୍ୟ ବୋଲି ମାନେ ଏବଂ ପ୍ରତ୍ୟେକ କର୍ମକୁ ସମ୍ପୂର୍ଣ୍ଣ ସାମର୍ଥ୍ୟର ସହିତ କରେ। ନିରନ୍ତର କର୍ମ କରେ। କର୍ମ କର, କାମ ଅଟକିବା ଉଚିତ ନୁହେଁ, ପ୍ରୟାସ ଅଟକିବା ଉଚିତ ନୁହେଁ। ତେଣୁ ମୋ ପାଇଁ କର୍ମ କେବଳ ଦାୟିତ୍ୱ ନୁହେଁ, ଏହା ଦେଶ ପ୍ରତି ମୋର ସାଧନା। ଦେଶ ପାଇଁ କର୍ମ, ଦେଶବାସୀଙ୍କ ପାଇଁ କର୍ମ ଏବଂ ଏଥିରେ ଭାବ ହେଉଛି-'ମା ଫଳେଷୁ କଦାଚନ!' ଫଳର ଚିନ୍ତା ନାହିଁ, ଶ୍ରେୟର ମଧ୍ୟ ଚିନ୍ତା ନାହିଁ।"

ସେ କହିଛନ୍ତି, "ଦେଶ ସୁଯୋଗ ଦେଇଛି, ଲୋକମାନେ ବିଶ୍ୱାସ ଦେଇଛନ୍ତି, ପରିସ୍ଥିତି ଶିକ୍ଷା ଦେଇଛି। ଏହାରି କାରଣରୁ ମୁଁ ଦେଶବାସୀଙ୍କ ଅବିରତ ସେବା କରିବାର ସୁଯୋଗ ପାଉଛି। ଆଜି ମୁଁ ଯାହା କିଛି, ଯେଉଁଠି ଅଛି, ଯେଉଁ ଦାୟିତ୍ୱରେ ଅଛି, ସେଥିରେ ସବୁଠାରୁ ବଡ଼ ଅବଦାନ ଜନତା-ଜନାର୍ଦ୍ଦନଙ୍କର। ମୋ ପାଇଁ ଜନତା-ଜନାର୍ଦ୍ଦନ ହିଁ ଈଶ୍ୱରଙ୍କ ରୂପ। ଲକ୍ଷ ଲକ୍ଷ, କୋଟି କୋଟି ଦେଶବାସୀଙ୍କ ବିଶ୍ୱାସ ଏବଂ ଲକ୍ଷ ଲକ୍ଷ କାର୍ଯ୍ୟକର୍ତ୍ତାଙ୍କ ପରିଶ୍ରମ ହିଁ ମୋର ସବୁଠାରୁ ବଡ଼ ଶକ୍ତି ରହିଛି।"

ପ୍ରଧାନମନ୍ତ୍ରୀ କହିଛନ୍ତି, "ଦେଶ ମୋତେ ବହୁତ କିଛି ଦେଇଛି। ତେଣୁ ଦେଶ ପାଇଁ ମୋର ଦାୟିତ୍ୱ ମଧ୍ୟ ସବୁଠାରୁ ଅଧିକ। ଏବଂ ମୁଁ ହୃଦୟରୁ ବିଶ୍ୱାସ କରେ ଯେ, ଦେଶର ପ୍ରତ୍ୟେକ ନାଗରିକଙ୍କର ମୋ ଉପରେ ସବୁଠାରୁ ବଡ଼ ଅଧିକାର ରହିଛି। ଏହି ୨୫ ବର୍ଷର ଜନବିଶ୍ୱାସ, ଅଭିଜ୍ଞତା ଏକ ବହୁତ ବଡ଼ ପୁଞ୍ଜି ଏବଂ ଏହି ପୁଞ୍ଜି କେବଳ ମୋଦୀଙ୍କର ନୁହେଁ, ଏହା ଦେଶର ପୁଞ୍ଜି। ମା' ଭାରତୀଙ୍କ ପ୍ରତ୍ୟେକ ସନ୍ତାନ ଏହି ପୁଞ୍ଜିର ଅଧିକାରୀ।"

ମୋଦୀ କହିଛନ୍ତି, "ଆଜି ଯେତେବେଳେ ମୁଁ ପଛକୁ ଫେରି ଦେଖେ, ସେତେବେଳେ କେବଳ କୃତଜ୍ଞତାର ଭାବ ହିଁ ଦେଖାଯାଏ। ମୁଁ ପ୍ରତ୍ୟେକ ସେହି ବ୍ୟକ୍ତି ଓ ପ୍ରତ୍ୟେକ ସେହି ଘଟଣା ପ୍ରତି କୃତଜ୍ଞ, ଯିଏ ମୋତେ କିଛି ନା କିଛି ଶିଖାଇଛି। ଯିଏ ମୋତେ ଜିତାଇଛି, ସେ ମୋତେ ନମ୍ର ହେବା ଶିଖାଇଛି। ଯିଏ ମୋତେ ତଳେ ପକାଇଛି, ସେ ପୁଣି ଠିଆ ହେବା ଶିଖାଇଛି। ଶୁଭଚିନ୍ତକମାନେ ମୋତେ ଉତ୍ସାହିତ କରିଛନ୍ତି ଏବଂ ସମାଲୋଚକମାନେ ମୋତେ ନିଜ ଭିତରକୁ ଝାଙ୍କିବା ଶିଖାଇଛନ୍ତି। ଯିଏ ମୋର ସାଥ୍ ଦେଇଛି, ସେ ମୋତେ ବିଶ୍ୱାସର ଶକ୍ତି ଦେଖାଇଛି। ଯିଏ ମୋର ବିରୋଧ କରିଛି, ସେ ମୋତେ ଗଣତନ୍ତ୍ରର ଶକ୍ତି ବୁଝାଇଛି। ପ୍ରତ୍ୟେକ ସଙ୍କଟ ମୋର ଧୈର୍ଯ୍ୟର ପରୀକ୍ଷା ରହିଛି, ପ୍ରତ୍ୟେକ ସଫଳତା ମୋର ଦାୟିତ୍ୱକୁ ବିସ୍ତାର କରିଛି ଏବଂ ପ୍ରତ୍ୟେକ ସଫଳତା ବଡ଼ ଲକ୍ଷ୍ୟ ଦିଗରେ ଆଗକୁ ବଢ଼ିବାର ସାହସ ଓ ଉତ୍ସାହ ଦେଇଛି।" ରାଜଧାନୀର ଇନ୍ଦିରା ଗାନ୍ଧୀ ଇଣ୍ଡୋର ଷ୍ଟାଡିୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଜେପିର ଜାତୀୟ ଅଧ୍ୟକ୍ଷ ନିତିନ ନବୀନ ନିଜ ସମ୍ବୋଧନରେ ପ୍ରଧାନମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇ କହିଛନ୍ତି, "ଯିଏ ଜନସେବାକୁ ହିଁ ନିଜ ଜୀବନର ଲକ୍ଷ୍ୟ କରିଛନ୍ତି, ଯାହାଙ୍କ ପାଇଁ ଜନସେବା ହିଁ ରାଷ୍ଟ୍ରସେବାର ମାର୍ଗ ପାଲଟିଛି ଏବଂ ଜୀବନର ଏହି ସଂକଳ୍ପକୁ ନେଇ ଯିଏ ରାଜନୀତିରେ କ୍ଷମତାକୁ ସେବାର ମାଧ୍ୟମ କରି ରାଷ୍ଟ୍ରସେବାର ପଥରେ ନିରନ୍ତର ଆଗକୁ ବଢ଼ିଛନ୍ତି, ଏଭଳି ଆମ ସମସ୍ତଙ୍କ ପ୍ରଧାନମନ୍ତ୍ରୀଙ୍କୁ ମୁଁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।"

## ଆଜି ଓଡ଼ିଶା ବନ୍ଦ...

ଦୋକାନ, ଜନ ଔଷଧି କେନ୍ଦ୍ର ଓ ଜରୁରୀ ଚିକିତ୍ସା ସାମଗ୍ରୀର ଯୋଗାଣକୁ ବନ୍ଦରେ ସାମିଲ କରାଯିବ ନାହିଁ। ଦୁଗ୍ଧ ବିତରଣ କେନ୍ଦ୍ର, ଦୁଗ୍ଧ ଗାଡ଼ି ଓ ଆବଶ୍ୟକ ଦୁଗ୍ଧ ଯୋଗାଣ ବନ୍ଦରୁ ବାହାରେ ରହିବ। ବିରୋଧୀଙ୍କ ବନ୍ଦ ଡାକରାକୁ ରାଜ୍ୟର କିଛି ଗୋଷ୍ଠୀ ସମର୍ଥନ ଜଣାଇଥିବା ବେଳେ ଆଉ କିଛି ସାମିଲ ହେବେ ନାହିଁ ସୂଚନା ଦେଇଛନ୍ତି। ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ଏ ବନ୍ଦରେ ସାମିଲ ହେଉନାହାନ୍ତି। ଯଦି ସରକାର ସୁରକ୍ଷା ଯୋଗାଇ ଦିଅନ୍ତି, ତେବେ ରାସ୍ତାରେ ବସ୍ ସେବା ଜାରି ରହିବ ବୋଲି ସଂଘ କହିଛି। ତେବେ ସୁରକ୍ଷା ଦୃଷ୍ଟିରୁ ରାଜ୍ୟରେ ଅଟୋ ସେବା ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଥିବା କହିଛନ୍ତି ନିଖିଳ ଉତ୍କଳ ଅଟୋ ଚାଳକ ସଂଘର ସାଧାରଣ ସମ୍ପାଦକ। ସେହିପରି କଟକ ମାଲଗୋଦାମ ବ୍ୟବସାୟୀ ସଂଘ ଏହି ବନ୍ଦକୁ ସମର୍ଥନ କରିବା ସ୍ଥିତିରେ ନାହାନ୍ତି ବୋଲି ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ବନ୍ଦ ଡାକରାକୁ ଦୃଷ୍ଟିରେ ରଖି ରାଜଧାନୀରେ ୧୮ ପ୍ଲାଟୁନ୍ ଫୋର୍ସ ସହ ୧୦୦ ଅଫିସରଙ୍କୁ ପ୍ରସ୍ତୁତ ରଖାଯାଇଥିବା ସୂଚନା ଦେଇଛନ୍ତି ଭୁବନେଶ୍ୱର ଡିସିପି ସର୍ବଣା ବିବେକ ଏମ୍। ରାଜନୈତିକ ଦଳ ପକ୍ଷରୁ ଓଡ଼ିଶା ବନ୍ଦକୁ ନଜରରେ ରଖି ରାଜ୍ୟରେ ଶାନ୍ତି-ଶୃଙ୍ଖଳା ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ବୁଧବାର ସନ୍ଧ୍ୟାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସମ୍ଭାବ୍ୟ ବନ୍ଦ ପରିସ୍ଥିତିରେ ଆଇନ-ଶୃଙ୍ଖଳା ରକ୍ଷା, ଜନସାଧାରଣଙ୍କ ସୁରକ୍ଷା, ଯାତାୟାତ ବ୍ୟବସ୍ଥା ଓ ସରକାରୀ ତଥା ଜନସାଧାରଣଙ୍କ ସମ୍ପତ୍ତିର ସୁରକ୍ଷା ଉପରେ ଡିଜିପି ବିସ୍ତୃତ ଭାବେ ଆଲୋଚନା କରିଥିଲେ। ସମସ୍ତ ଥାନା ଅଞ୍ଚଳରୁ ସୂଚନା ସଂଗ୍ରହ କରି ସ୍ଥାନୀୟ ପରିସ୍ଥିତି ଉପରେ ନିରନ୍ତର ନଜର ରଖିବାକୁ ସମସ୍ତ ଜିଲ୍ଲା ଏସ୍‌ପିମାନଙ୍କୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ରାଜପଥ, ଜାତୀୟ ରାଜପଥ, ରେଳ ଷ୍ଟେସନ ଓ ଅନ୍ୟାନ୍ୟ ପ୍ରମୁଖ ସ୍ଥାନରେ ପର୍ଯ୍ୟାପ୍ତ ପୋଲିସ ମୁତୟନ ସହ ପାଟ୍ରୋଲିଂ ଓ ନାକା ଚେକିଂ ବୃଦ୍ଧି କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ବିକ୍ଷୋଭକାରୀଙ୍କ ପ୍ରମୁଖ ସ୍ଥାନ ଚିହ୍ନଟ କରି ସେଠାରେ ଆଗୁଆ ପ୍ରତିଷେଧମୂଳକ ବ୍ୟବସ୍ଥା ଗ୍ରହଣ ଏବଂ ଗୁଇନ୍ଦା ସୂଚନାକୁ ସୁଦୃଢ଼ କରିବା ଉପରେ ଡିଜିପି ଗୁରୁତ୍ୱାରୋପ କରିଥିଲେ। ବନ୍ଦ ସମୟରେ କୌଣସି ପ୍ରକାର ହିଂସା, ଭଙ୍ଗାରୁଜା, ବଳପୂର୍ବକ ଦୋକାନ ବଜାର ବନ୍ଦ କିମ୍ବା ସାଧାରଣ ଯାତାୟାତରେ ବାଧା ସୃଷ୍ଟି ଯେପରି ନହୁଏ, ସେଥିପ୍ରତି ସତର୍କ ରହିବାକୁ ସମସ୍ତ ଜିଲ୍ଲା ଏସ୍‌ପି ଓ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଇନ ହାତକୁ ନେଉଥିବା ବ୍ୟକ୍ତିଙ୍କ ବିରୋଧରେ ତୁରନ୍ତ ଓ ଦୃଢ଼ ଆଇନଗତ ପଦକ୍ଷେପ ନେବା ଦିଗରେ ଡିଜିପି ଗୁରୁତ୍ୱାରୋପ କରିଥିଲେ। ସମ୍ଭାବ୍ୟ ଅପ୍ରୀତିକର ଘଟଣାକୁ ଏଡ଼ାଇବା ପାଇଁ ସ୍ଥାନୀୟ ପୋଲିସ ଅଧିକାରୀମାନେ ସମ୍ବେଦନଶୀଳ ଅଞ୍ଚଳରେ ନିରନ୍ତର ନଜର ରଖିବା ସହ ଜନସାଧାରଣଙ୍କ ସହ ସମନ୍ୱୟ ରକ୍ଷା କରିବାକୁ କୁହାଯାଇଥିଲା। ରାଜ୍ୟରେ ଶାନ୍ତି, ଶୃଙ୍ଖଳା ଓ ସୁରକ୍ଷିତ ପରିବେଶ ବଜାୟ ରଖିବା ପାଇଁ ସମସ୍ତ ସ୍ତରରେ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ଡିଜିପି ଶ୍ରୀ ମିଶ୍ର ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ବୈଠକରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସଏପି) ରାଜେଶ କୁମାର, ଡିଆଇଜିପି (କାର୍ମିକ) ଯୁଗଳ କିଶୋର କୁମାର ବନୋଥ, ଡିଆଇଜିପି (କ୍ରାଇମବ୍ରାଞ୍ଚ) ମଡ଼କର ସନ୍ଦୀପ ସମ୍ପଦ, ଏସପି (କ୍ରାଇମବ୍ରାଞ୍ଚ) ବିବେକାନନ୍ଦ ଶର୍ମା, ଏଆଇଜିପି (ଆଇନ ଓ ଶୃଙ୍ଖଳା) ପ୍ରଭାଶଙ୍କର ନାୟକ ଏବଂ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ରେଳବାଇ ଓ ଉପକୂଳ ସୁରକ୍ଷା) ଅରୁଣ ବୋଥ୍ରା, ସମସ୍ତ ରେଞ୍ଜର ଆଇଜି/ଡିଆଇଜି, ସମସ୍ତ ଜିଲ୍ଲାର ଏସ୍‌ପି, ଡିସିପି ଭୁବନେଶ୍ୱର, ଡିସିପି କଟକ ଏବଂ ଏସ୍‌ଆରପି କଟକ ଓ ରାଉରକେଲା ପ୍ରମୁଖ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ବୈଠକରେ ଯୋଗଦେଇଥିଲେ।

## ଆଡ୍‌ଭାନୀଙ୍କୁ ଭେଟି ଆଶୀର୍ବାଦ...

ଦେଶର ପୂର୍ବତନ ଉପ-ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ଅଛନ୍ତି। ତାଙ୍କୁ ୨୦୨୪ରେ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ, ଭାରତ ରତ୍ନ ପ୍ରଦାନ କରାଯାଇଥିଲା।

## ଆଇଏଏସ୍ ସ୍ତରରେ...

ଦେଇଥିଲେ। ଏହି ଆଦେଶରେ ଅଶ୍ୱିନ ଏ.ଏଲ୍., ଆଇଏଏସ୍ (ଆରଆର-୨୦୨୩)ଙ୍କୁ ଭବାନୀପାଟଣାର ଉପଜିଲ୍ଲାପାଳ ଭାବେ ନିଯୁକ୍ତ କରାଯାଇଥିବାବେଳେ, କସ୍ତୁରୀ ଶାହ, ଆଇଏଏସ୍ (ଆରଆର-୨୦୨୪)ଙ୍କୁ ସାଧାରଣ ପ୍ରଶାସନ ବିଭାଗର ଉପ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ଏହାବ୍ୟତୀତ, ପ୍ରଦୀପ କୁମାର ନାୟକ, ଆଇଏଏସ୍ (ଏସ୍‌ସିଏସ୍-୨୦୧୪)ଙ୍କୁ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ (ଏଫ୍ ଆଣ୍ଡ ଏଆର୍‌ଡି) ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତ କରାଯାଇଛି।

## ଜିଡିପି ଅଭିବୃଦ୍ଧି ହାରର...

ରାଜନୈତିକ ଉତ୍ତେଜନା ଯୋଗୁଁ ଆର୍ଥିକ ପରିଦୃଶ୍ୟ ପ୍ରତି ବିପଦ ରହିଥିବା ନେଇ ସେ ସତର୍କ କରାଇଛନ୍ତି। ଆର୍‌ବିଆଇ ଗଭର୍ଣ୍ଣର କହିଛନ୍ତି ଯେ, ଏହି ସମସ୍ତ କାରଣକୁ ବିଚାରକୁ ନେଇ ଚଳିତ ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ବାସ୍ତବିକ ଜିଡିପି ଅଭିବୃଦ୍ଧି ୭.୧ ପ୍ରତିଶତ ରହିବ ବୋଲି ଅନୁମାନ କରାଯାଇଛି।

## ବିକଶିତ ଭାରତ...

ଚରଣ ମାଝୀ 'ଜନସେବାରୁ ରାଷ୍ଟ୍ରସେବା'ର ସଂକଳ୍ପ ସହ 'ବିକଶିତ ଭାରତ ଆଟ୍ ୨୦୪୭' ନିର୍ମାଣ ପାଇଁ ଶକ୍ତି, ପ୍ରତିଭା ଓ ସଂକଳ୍ପକୁ ଉତ୍ସର୍ଗ କରିବାକୁ ପ୍ରତିଜ୍ଞା ନେଇଛନ୍ତି। ଜ୍ଞାନ, ନବସୃଜନ ଓ ପ୍ରଯୁକ୍ତିର ଶକ୍ତିକୁ ଆପଣାଇ ଚ୍ୟାଲେଞ୍ଜକୁ ସୁଯୋଗରେ ପରିଣତ କରିବା, ଯୁବଶକ୍ତିର ସାମର୍ଥ୍ୟକୁ ରାଷ୍ଟ୍ର ନିର୍ମାଣରେ ବିନିଯୋଗ କରିବା ଏବଂ ନିଷ୍ଠା, ସମର୍ପଣ ଓ ସେବା ମନୋଭାବ ସହ ନିଜ କର୍ତ୍ତବ୍ୟ ପାଳନ କରିବାର ସଂକଳ୍ପ ନେଇଛନ୍ତି ମୁଖ୍ୟମନ୍ତ୍ରୀ। ୨୦୪୭ ସୁଦ୍ଧା ଏକ ଶକ୍ତିଶାଳୀ, ସମୃଦ୍ଧ ଓ ବିକଶିତ ଭାରତ ଗଠନର ଏହି ଯାତ୍ରାରେ ଜନଭାଗୀଦାରୀ ସହ ଆମେ ସମସ୍ତେ ନିଜର ସର୍ବୋତ୍ତମ ଯୋଗଦାନ ଦେବା ଆବଶ୍ୟକ। ଆମ ସଂକଳ୍ପରୁ ହିଁ ସିଦ୍ଧିର ପଥ ପ୍ରଶସ୍ତ ହେବ। ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ଆମର ପ୍ରତ୍ୟେକ ପ୍ରୟାସ ରାଷ୍ଟ୍ର ନିର୍ମାଣରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ହେବ।

# ବେଦାନ୍ତ ଆଲୁମିନିୟମ୍ ବର୍ତ୍ତମାନ ଏହାର ଦୁଇ-ତୃତୀୟାଂଶ ଧାତୁକୁ 'ଭାଲ୍ୟୁ-ଆଡେଡ୍' (ଅତିରିକ୍ତ ମୂଲ୍ୟଯୁକ୍ତ) ଉତ୍ପାଦ ଭାବରେ ବିକ୍ରି

ସେପ୍ଟେମ୍ବର ତ୍ରୈମାସିକରେ ବେଦାନ୍ତ ଆଲୁମିନିୟମର ମୋଟ ଉତ୍ପାଦନ ମଧ୍ୟରୁ ୬୭% ଥିଲା 'ଭାଲ୍ୟୁ-ଆଡେଡ୍' ଉତ୍ପାଦ, ଯାହା ଗୋଟିଏ ବର୍ଷ ପୂର୍ବେ ପ୍ରାୟ ୫୩% ଥିଲା। ଯଦିଓ ରେକର୍ଡ ପରିମାଣର ଉତ୍ପାଦନ ଏକ ମୁଖ୍ୟ ଖବର ହୋଇ ରହିଛି, ତଥାପି ଏଥିରେ ଅଧିକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ହେଉଛି ଉତ୍ପାଦିତ ପ୍ରତ୍ୟେକ ଟନ୍ ଧାତୁରୁ କମ୍ପାନୀ କିପରି ଅଧିକ ମୂଲ୍ୟ ହାସଲ କରୁଛି। ବେଦାନ୍ତ ଆଲୁମିନିୟମ୍ ମେଟାଲ୍ ଲିମିଟେଡ୍ ଏକ ଦୃଢ଼ କାର୍ଯ୍ୟକ୍ଷମ ଓ ଆର୍ଥିକ ସ୍ଥିତି ସହିତ ଆର୍ଥିକ ବର୍ଷ ୨୦୨୭ର ଦ୍ୱିତୀୟାର୍ଦ୍ଧରେ ପ୍ରବେଶ କରୁଛି। ଜୁଲାଇରୁ ସେପ୍ଟେମ୍ବର ତ୍ରୈମାସିକ ମଧ୍ୟରେ କମ୍ପାନୀ ରେକର୍ଡ ୬୪୯ କିଲୋ ଟନ୍ ଆଲୁମିନିୟମ୍ ଉତ୍ପାଦନ କରିଛି, ଯାହା ଏହାର ସର୍ବୋଚ୍ଚ ତ୍ରୈମାସିକ ଉତ୍ପାଦନ ଅଟେ। ବର୍ଷର ପ୍ରଥମାର୍ଦ୍ଧରେ ମଧ୍ୟ ୧,୨୮୧ କିଲୋ ଟନ୍ ଉତ୍ପାଦନ ସହିତ ଏକ ରେକର୍ଡ ସ୍ଥାପିତ ହୋଇଛି। ସେପ୍ଟେମ୍ବର ତ୍ରୈମାସିକର ମୋଟ ଉତ୍ପାଦନ ମଧ୍ୟରୁ ୪୩୨ କିଲୋ ଟନ୍ 'ଭାଲ୍ୟୁ-ଆଡେଡ୍' ଉତ୍ପାଦ ଭାବରେ କାରଖାନାରୁ ବାହାରିଥିଲା; ଏହା ମୋଟ ଉତ୍ପାଦନର ପ୍ରାୟ ୬୭% ଅଟେ, ଅର୍ଥାତ୍ ପ୍ରତି ତିନି ଟନ୍ ଉତ୍ପାଦନ ମଧ୍ୟରୁ ଦୁଇ ଟନ୍ ଏହି ଶ୍ରେଣୀର ଅନ୍ତର୍ଭୁକ୍ତ। କମ୍ପାନୀର ଲକ୍ଷ୍ୟ ହେଉଛି ଏହାର ଆଲୁମିନିୟମ୍ ବିକ୍ରିରେ 'ଭାଲ୍ୟୁ-ଆଡେଡ୍' ଉତ୍ପାଦର ଅଂଶକୁ ପ୍ରାୟ ୯୦% କୁ ବୃଦ୍ଧି କରିବା। ବର୍ଷକ ମଧ୍ୟରେ 'ଭାଲ୍ୟୁ-ଆଡେଡ୍' ଉତ୍ପାଦନ ପରିମାଣ ୧,୦୩,୦୦୦ ଟନ୍ ବୃଦ୍ଧି ପାଇଛି, ଯାହା ମୋଟ ଆଲୁମିନିୟମ୍ ଉତ୍ପାଦନରେ ହୋଇଥିବା ୩୨,୦୦୦ ଟନ୍ ବୃଦ୍ଧି ତୁଳନାରେ ତିନି ଗୁଣରୁ ଅଧିକ। କମ୍ପାନୀ ଏହାର ଉତ୍ପାଦିତ ପ୍ରତ୍ୟେକ ଟନ୍ ଧାତୁର ଏକ ବଡ଼ ଅଂଶକୁ ଅଧିକ ମୂଲ୍ୟଯୁକ୍ତ ଉତ୍ପାଦରେ ପରିଣତ କରୁଛି।

# ବିଶିଷ୍ଟ ସମାଜସେବୀ ତଥା ରୋଟାରିଆନ ଶ୍ରୀକାନ୍ତ ମିଶ୍ରଙ୍କ ପରଲୋକରେ ଶୋକସଭା

**ଭୁବନେଶ୍ୱର ନ୍ୟୁଜ ବ୍ୟୁରୋ**

ବିଶିଷ୍ଟ ସମାଜସେବୀ ତଥା ରୋଟାରୀଆନ ଶ୍ରୀକାନ୍ତ ମିଶ୍ରଙ୍କ ଅକାଳ ବିୟୋଗରେ ଛ ନମ୍ବର ସରକାରୀ ବିଦ୍ୟାଳୟ ପୁରାତନ ଛାତ୍ରସଙ୍ଘ ତରଫରୁ ୪. ୧୦. ୨୬ ରବିବାର ଦିନ ୟୁନିଟ ୬ ସ୍ଥିତ କାଳୀ ମନ୍ଦିରରେ ଆୟୋଜିତ ସ୍ମୃତି ଚାରଣ ସଭାରେ ଭୁବନେଶ୍ୱରର ବିଭିନ୍ନ ପ୍ରାନ୍ତରୁ ଅନେକ ବିଶିଷ୍ଟ ବ୍ୟକ୍ତି ଓ ଶ୍ରୀକାନ୍ତ ପ୍ରେମୀ ଶ୍ରଦ୍ଧାଳୁ ଉପସ୍ଥିତ ରହି ତାଙ୍କ ଗୁଣଗାନ ସହ ତାଙ୍କ ସହ ବିତାଇଥିବା ସୁଖଦ ଅନୁଭୂତି ବର୍ଣ୍ଣନା କରିଥିଲେ । ପରିଶେଷରେ ବିଶିଷ୍ଟ କଣ୍ଠଶିଳ୍ପୀ ଓ ସୁରକାର ସିଦ୍ଧାର୍ଥ ମିଶ୍ର ଶ୍ରୀକାନ୍ତଙ୍କ ଉଦ୍ଦେଶ୍ୟ ରେ ସ୍ୱରଚିତ କବିତାକୁ ସ୍ୱରଦେଇ ପରିବେଷଣ କରି ସମାବେଶକୁ ଶୋକାପ୍ଳୁତ କରିଥିଲା। ଶ୍ରୀକାନ୍ତ ସହ ବିତେଇ ଥିବା ମଧୁମୟ ମୁହୂର୍ତ୍ତ ଓ ତାର ବିଶେଷ ଗୁଣାବଳୀ ସମ୍ପର୍କରେ ଜ୍ୟୋତିର୍ବିଦ ତଥା ବାସ୍ତୁବିତ ଡ଼ ଶାରଦା ମହାନ୍ତି , ରଭଶସଭରରକ୍ସ ପୁର୍ନେନ୍ଦୁ ମିଶ୍ର , ମୁଖ୍ୟ ସଚିବଙ୍କ ଓଏସଡ଼ି ସୁଶାନ୍ତ ବେହୁରା ପ୍ରମୁଖ ଯୋଗ ଦେଇ ଆଲୋଚନା କରିଥିଲେ ଅମର ଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା କରାଗଲା ।

# ମାଣତ୍ରୀ ଏସଏସଡି ବାଳିକା ହଷ୍ଟେଲରେ ୩୫ରୁ ଉର୍ଦ୍ଧ୍ୱ ଛାତ୍ରୀ ଝାଡ଼ାବାନ୍ତି ଆକ୍ରାନ୍ତ

**ବାରିପଦା, ନ୍ୟୁଜ ବ୍ୟୁରୋ**

ମାଣତ୍ରୀ ଏସଏସଡି ବାଳିକା ହଷ୍ଟେଲରେ ଝାଡ଼ାବାନ୍ତି ଆତଙ୍କ । ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକ ଅନ୍ତର୍ଗତ ମାଣତ୍ରୀ ସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ (ଏସଏସଡି) ବାଳିକା ହାଇସ୍କୁଲ ହଷ୍ଟେଲରେ ଘଟିଛି ଏହି ଅଭାବନୀୟ ଘଟଣା । ହଷ୍ଟେଲରେ ରହୁଥିବା ୩୫ରୁ ଉର୍ଦ୍ଧ୍ୱ ଛାତ୍ରୀ ହଠାତ୍ ଝାଡ଼ାବାନ୍ତି ଏବଂ ପେଟ ବ୍ୟଥାର ଶିକାର ହୋଇ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ତୀବ୍ର ଚାଞ୍ଚଲ୍ୟ ସୃଷ୍ଟି କରିଛି ।ସୂଚନା ଅନୁଯାୟୀ, ଗତକାଲି ରାତିରେ ହଷ୍ଟେଲରେ ରାତ୍ରିଭୋଜନ ସାରି ଶୋଇବା ପରେ ବିଳମ୍ବିତ ରାତିରୁ କିଛି ଛାତ୍ରୀଙ୍କଠାରେ ବାନ୍ତି, ଝାଡ଼ା ଓ ପେଟକଟା ଲକ୍ଷଣ ଦେଖାଦେଇଥିଲା। ଧୀରେ ଧୀରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇ ୩୫ରୁ ଉର୍ଦ୍ଧ୍ୱରେ ପହଞ୍ଚିଥିଲା। ବିଦ୍ୟାଳୟ କର୍ତ୍ତୃପକ୍ଷ ତୁରନ୍ତ ଆମ୍ବୁଲାନ୍ସ ଏବଂ ଅନ୍ୟ ଗାଡ଼ି ଯୋଗେ ଅସୁସ୍ଥ ଛାତ୍ରୀମାନଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ ମାଣତ୍ରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସ୍ଥାନାଭାବ ଏବଂ ଗୁରୁତର ଥିବା କିଛି ଛାତ୍ରୀଙ୍କୁ ତୁରନ୍ତ ବଡ଼ସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି ।ଡାକ୍ତରଖାନାରେ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଆକ୍ରାନ୍ତ ଛାତ୍ରୀମାନଙ୍କୁ ଚିକିତ୍ସା ଯୋଗାଇ ଦେଉଛନ୍ତି। ବର୍ତ୍ତମାନ ସମସ୍ତ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଏବଂ ବିପଦମୁକ୍ତ ଥିବା ଡାକ୍ତର ସୂଚନା ଦେଇଛନ୍ତି। ଖାଦ୍ୟ ବିଷକ୍ରିୟା (ଫୁଡ୍ ପଏଜନିଂ) କିମ୍ବା ଦୂଷିତ ପାନୀୟ ଜଳ ବ୍ୟବହାର ଯୋଗୁଁ ଏଭଳି ସ୍ଥିତି ଉପୁଜିଥିବା ସନ୍ଦେହ କରାଯାଉଛି। ଘଟଣା ସମ୍ପର୍କରେ ଖବର ପାଇ ମୟୂରଭଞ୍ଜ ଜିଲ୍ଲାପାଳ ତୁରନ୍ତ ଡାକ୍ତରଖାନାରେ ପହଞ୍ଚି ଅସୁସ୍ଥ ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଉତ୍ତମ ଚିକିତ୍ସା ଯୋଗାଇଦେବାକୁ ଡାକ୍ତରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ଜିଲ୍ଲାପାଳ ସିଧାସଳଖ ମାଣତ୍ରୀ ଏସଏସଡି ବାଳିକା ହଷ୍ଟେଲ ପରିଦର୍ଶନ କରି ରୋଷେଇ ଘର, ଡାଇନିଂ ହଲ୍ ଏବଂ ପାନୀୟ ଜଳ ବ୍ୟବସ୍ଥାର ତନଖି କରିଛନ୍ତି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବା ସହ ହଷ୍ଟେଲରେ ଦିଆଯାଉଥିବା ଖାଦ୍ୟ ଓ ପାଣିର ନମୁନା ସଂଗ୍ରହ କରି ପରୀକ୍ଷାଗାରକୁ ପଠାଇବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

32001/1001/2627

**OFFICE OF THE EXECUTIVE ENGINEER**
**GROUND WATER DEVELOPMENT DIVISION-1HP BUILDING, UNIT-8, DELTA SQUARE, BHUBANESWAR-751012 [Phone No. 2561040(O), [email: executiveengineerhpbbsr@gmail.com]**

"e" Procurement Notice No.1227 Of 2026-27 Dt- 05.10.2026
Bid Identification No. GWD DIV-1BBSR-08/26-27

**Executive Engineer, GWD Division-I, Delta square, Unit- 8, Bhubaneswar** on behalf of Hon'ble Governor of Odisha invites on-line Percentage-rate tender through "e" Procurement in Single cover system for execution of the following work. The bid should be submitted by eligible Class of Contractors through on-line in the Govt. website www.tendersodisha.gov.in. The bidders should have necessary portal enrolment (with own Digital Signature Certificate). The registered bidders outside of State can also participate in this on-line tender process after necessary portal enrolment, but shall have to subsequently undergo registration with appropriate authority of the State Govt. within a month of acceptance of bid.

| | | |
|---|---|---|
| 1 | Nature of the Work | Civil Work |
| 2 | Name of the Work: | Construction of 10 Nos. of Recharge shafts under ARUA scheme in Bolagarh blocks Ph-IV of Khordha distrist for the FY 2026-27. |
| 3 | Approximate amount put to tender | Rs.16.55 Lakhs |
| 4 | Period of Completion | 2(TWO) Calendar Month |
| 5 | Class of Contractor | "C" & "D" Class Contractor |
| 6 | Date & time of Availability of Bid document in the portal | Dt. 09.10.2026 at 11.00 AM to 22.10.2026 up to 11.00 AM |
| 7 | Last date & time of receipt of Bids in the Portal | Dt. 22.10.2026 up to 11.00 AM |
| 8 | Date, time & place of opening of Technical/ Financial Bid/s | Dt. 22.10.2026 at 11.30 AM in O/o the EE GWD Divn-1 |
| 9 | Name & address of the officer inviting Bid | OFFICE OF THE EXECUTIVE ENGINEER GROUND WATER DEVELOPMENT DIVISION-1 HP ADMINISTRATIVE BUILDING,UNIT-8,DELTA SQUARE,BHUBANESWAR-751012 |

Further details can be seen from the Govt. website www.tendersodisha.gov.in.
Any addendum/corrigendum/cancellation of tender can also be seen in the said website.

Sd/- Executive Engineer
GWD Division-I,
Bhubaneswar
OIPR-32001/32331/1/26-27/0010

13001/2098/2627
**Kataka Municipal Corporation**
Biju Bhawan, Choudhary Bazaar,
Kataka-753001

Ref. No. 1194/SANI Date. 03/10/2026
Tender Id:-
E-Tender (Tender Call Notice)

| SL No. | List of Key Events | Critical Dates |
|---|---|---|
| 1 | Name of Work | Supply and Delivery of 220 Nos each of Green (240 Litre) & Blue (240 Litre) and 30 Nos each of Red (120 Litre) & Black (120 Litre) Mobile Solid Waste Containers for Kataka Municipal Corporation |
| 2 | Mode of Bid Submission | E-tendering (http:// tendersodisha.gov.in) |
| 3 | Date/Time of Publication of Tender on Website | From 03:00 P.M. of 06/10/2026 to 12/10/2026 up to P.M. |
| 4 | Last Date/Time of Bid Submission | Date: 12/10/2026 at 02:00 P.M. |
| 5 | Date/Time of opening of Bid (Technical) | Date: 12/10/2026 at 04:00 P.M. |
| 6 | Date/Time of opening of Bid (Financial) | To be Intimated |
| 7 | Bid Submission Address | The Commissioner Kataka Municipal Corporation, Biju Bhawan, Choudhary Bazaar, Kataka-753001 |

The complete bidding documents, fee details, descriptions of items and key dates can be viewed/downloaded from the website: https://tendersodisha.gov.in Please note that KMC reserves the right to accept or reject the Bid process at any stage without assigning any reason whatsoever.

Sd/- Commissioner,
Kataka Municipal Corporation
OIPR-13001/13031/1/26-27/0068

